# ଭୂତ-ଶୁଦ୍ଧି



ହରେ କୃଷ୍ଣ !

ଏହି ପ୍ରକାରର ମହୋତ୍ସବରେ ଭଗବାନଙ୍କର ବି ନ୍ନ-ଭିନ୍ନ ଲୀଳା ବିଷୟରେ କୁହନ୍ତି | ହଁ, ତେବେ ଆମେ କିଛି ପରିମାଣରେ ପ୍ରଶଂସା କରିବାର ଚେଷ୍ଟା କରନ୍ତି ଆଉ ପୁଣି ଭୁଲି ଯାଆନ୍ତି | ତେଣୁ ଆଜି ମୁଁ ଏହା ଭାବୁଛି କି ସେଇ ଜିନ୍ସ କହିବି ଯାହା ଅର୍ଚନ ସାଙ୍ଗରେ ସମ୍ବନ୍ଧିତ ଅଟେ | ଆଉ ଯାହା ଆମ ଜୀବନରେ ଅତି ଅତି ଅତି ଆବଶ୍ୟକ ଅଟେ, ଅତି ଆବଶ୍ୟକ | ଏହା ବିନା ଭକ୍ତି ଆରମ୍ଭ କରିବା ଅସମ୍ଭବ ଅଟେ | ଏଟା ଅର୍ଚନ ସାଙ୍ଗରେ ମୁଖ୍ୟତଃ ସମ୍ବନ୍ଧିତ | ତେବେ ଆଜି ଆମେ ଏହିକଥା ଜାଣିବା ଆଉ ନିଜକୁ ସଦା-ସଦା ପାଇଁ କୃତାର୍ଥ କରି ଦେବା | ହରିଭକ୍ତିବିଳାସ କହୁଛି :

**ତତଃ କୃତାଞ୍ଜଳୀ ବାମେ ଶ୍ରୀଗୁରୁମ ପରମଂ ଗୁରୁ |**
**ପରମେଷ୍ଠିଗୁରୁରଚେତି ନମେଦ ଗୁରୁ ପରମ୍ପରା || (ଶ୍ରୀହରିଭକ୍ତିବିଳାସ ୧.୫.୬୦)**

ହରିଭକ୍ତିବିଳାସ କହୁଛି ଯେ ଅର୍ଚନା ପୁର୍ବୁରୁ ଆମକୁ ଆମର ଗୁରୁବର୍ଗକୁ ପ୍ରଣାମ କରିବା ଦରକାର, ଅର୍ଚନା ଆରମ୍ଭ କରିବା ପୁର୍ବୁରୁ | ଗୁରୁବର୍ଗ କିଏ?

1. ଗୁରୁ
2. ପରମ ଗୁରୁ
3. ପରାପୃରଃ ଗୁରୁ
4. ପରମେଷ୍ଠି ଗୁରୁ

ଚାରି ଗୁରୁ ହୁଅନ୍ତି |

ପ୍ରଥମତଃ ତ ଆମକୁ ଜଣା ହୋଇବା ଦରକାର ଯେ ଆମେ କେଉଁ ପରମ୍ପରାରୁ ଆସିଛନ୍ତି | ଆଉ ପୁଣି ଆମର ଗୁରୁ, ପୁଣି ତାଙ୍କର ଗୁରୁ, ପୁଣି ତାଙ୍କର ଗୁରୁ ଏବଂ ତାଙ୍କର ଗୁରୁ | ଆରମ୍ଭରେ ଚାରି ଗୁରୁମାନଙ୍କୁ ସ୍ମରଣ କରିଲା ପରେ ଅର୍ଚନା ପ୍ରାରମ୍ଭ କରା ଯାଏ | ଆମ ମାନଙ୍କ ବି ତରେ କେତେ ଜଣ କରନ୍ତି? ଆମେ ତ କରି ପାରିବା! କେତେ ଜାଗାରେ ଏହିକରିବା ଅସମ୍ଭବ ହୋଇ ଥାଏ | କାହିଁକି? କାହିଁକି ନା ଆପଣ ଜାଣନ୍ତି ନାହିଁ ଆପଣଙ୍କର ଗୁରୁର,ଗୁରୁର,ଗୁରୁ କେଇ! କାହିଁକି ନା ଏହିୟା ପାଇଁ ଆପଣଙ୍କୁ ଗୁରୁ ପରମ୍ପରାରେ ଆସିବାକୁ ପଡିବ | ଏହିତ ହରିଭକ୍ତିବିଳାସ, ସନାତନ ଗୋସ୍ୱାମୀ କୁହନ୍ତି | ଆମେମାନେ ଷଡ଼ଗୋସେଇଁଙ୍କର ଅନୁଯାୟୀ ହୋଇବା ଉଚିତ | ଏଟା ଅର୍ଚନାର ପ୍ରଥମ ସ୍ଟେପାନ ଅଟେ | ଆଗାମୀ ସ୍ଟେପାନ, ଆଗାମୀ କଥା ଏହା କୁହା ଯାଇଛି ଯେ:

**ଶରୀରାକାରଭୁତାନାଂ ଭୂତାନାଂ ଯଦବିଶୋଧାନଂ |**
**ଅବ୍ୟୟବ୍ରହ୍ମସମ୍ପର୍କାଦ ଭୁତଶୁଦ୍ଧିରିୟମ ମତା ||**
**ଭୁତଶୁଦ୍ଧି ବିନା କାର୍ଟ୍ୟମଜପହୋମାଦିକ କ୍ରିୟା |**
**ଭବନ୍ତି ନିଷ୍ଫଲା ସର୍ବା ଯଥାବିଦ୍ଧି ଅପି ଅନୁଷ୍ଠିତାଃ || (ହରିଭକ୍ତିବିଳାସ ୨.୫.୬୩,୬୪)**

ଏହାର ତାତ୍ପର୍ଯ୍ୟ ହେଉଛି କି ଆମେ ସାଧନା କରିବା ପୁର୍ବୁରୁ କଣ କରିବା ଦରକାର | ଭୁତଶୁଦ୍ଧି କରିବା ଦରକାର | ଭୂତାନାଂ ଯଦ ବିଶୋଧନଂ | କୃପା କରି ଗୋଟେଇ-ଗୋଟେଇ ଶବ୍ଦ ଆଡ଼କୁ ଧ୍ୟାନ ଦିୟନ୍ତୁ | ସମ୍ପୂର୍ଣ ଧ୍ୟାନ ଆଡ଼କୁ , ଭୁଲି ଯାଆନ୍ତୁ ଅର୍ଚନକୁ | ଅର୍ଚନା କରିବା ପୁର୍ବୁରୁ ଜାଣନ୍ତୁ

ଯେ କେଇମିତି କରନ୍ତି | ଭୁତଶୁଦ୍ଧି , କାହାର ଶୁଦ୍ଧି? କେଉଁ ଭୁତ? ଆମେ ଭୁତ ଆଉ କିଏ? ଆମେ ଏହିପଞ୍ଚମହାଭୁତରୁ ତୈୟାର ହୋଇଛନ୍ତି | ଭୁତାଶୁଦ୍ଧି କେଇମିତି ହୁଏ? କେଇମିତି? ଆତ୍ମସ୍ଵରୁପର ଚିନ୍ତନ କରୀକିନି ଭୁତଶୁଦ୍ଧି ହୁଏ | ଆମେ କାହାର ଅର୍ଚନା କରୁଛନ୍ତି? କାହାର? ଅପ୍ରାକୃତିକ କାମଦେବଙ୍କର, ଅପ୍ରାକୃତିକ ମଦନମୋହନଙ୍କର...ସେ ଅପ୍ରାକୃତିକ ଅଟନ୍ତି, ଆଧ୍ୟାତ୍ମିକ ଅଟନ୍ତି, ଚିନ୍ମୟ ଅଟନ୍ତି ! ଆଉ ଆମେ ଅର୍ଚନା କେଉଁଥିରେ କରୁଛନ୍ତି? କେଉଁଥିରେ? ଏହ ଦେହରୁ | ଏହି କଣ? ଭୌତିକ, ଅପରିଷ୍କାର! ଏଟା ଶୁଦ୍ଧ କିମ୍ବା ଅଶୁଦ୍ଧ, ଏହା ଦେହ ? ଅମିତ! ଏହା ଦେହ ଶୁଦ୍ଧ କିମ୍ବା ଅଶୁଦ୍ଧ? କାହିଁକି ଅଶୁଦ୍ଧ ଏଟା?

ଏହି ତ ସୂକ୍ଷ୍ମମନରେ ଅଟେ...ଭୁତଶୁଦ୍ଧିରେ ତ ସ୍ଥୁଳ-ଶରୀରରେ ବି  ଆସେ...Gross Body ରେ କଣ ଅଛି? ଗୋଟେଇ ମିଲିମିଟର ଖୋଲି ଦିୟଲେ କେବଳ ଜନ୍ଦା ଦେଖା ଦେବେ | ଆଉ କଣ ଦେଖା ଯିବ? ରକ୍ତ-ମୂତ୍ର-ଝାଡା-ଭିକ-ପାତ? ଏହା ସବୁ...ଏହି ସବୁ ଜୀନ୍ସରୁ ତ ଭଗବାନଙ୍କର ଅର୍ଚନା ହୁଏ ନାହିଁ | ପରମାତ୍ମା ତ ଆତ୍ମା ଦ୍ଵାରା ହି ପୂଜନୀୟ | ତାହା ପାଇଁ ଆମର ଭୁତର, ଏହିଶରୀରର ଯାହା ପାଞ୍ଚମହାଭୁତରୁ ନିର୍ମିତ, ପ୍ରଥମେ ଏହାର ଶୁଦ୍ଧିକରଣ ଆବଶ୍ୟକ | କେଇମିତି କରିବା ଶୁଦ୍ଧିକରଣ?  ଆତ୍ମସ୍ଵରୂପର ଚିନ୍ତନ କରୀକିନି | ଏହା ପରେ ହି ତ ସେବା ହୋଇବ...ନହଲେ ସେବା କେଇମିତି ହୋଇବ? ସେ ତ ପୁର୍ଣପୁରୁଷୋତ୍ତମ ଅଟନ୍ତି...ଆଉ ଆମେ କିଏ? ମୁଁ ସୁମିତ, ମୁଁ ଅମିତ...ତାହାଲେ ଆପଣ ସେବା କେଇମିତି କରି ପାରିବେ? ଅମିତ,ସୁମିତ? ସେମାନେ ତ କରି ପରିବାରେ ଅସମର୍ଥ | ତାଙ୍କର ଯେ ନିଜଦାସ ସେ ହି ତାଙ୍କର ସେବା କରି ପାରିବ ନା?

ତାହାଲେ ଆମେ କେଇମିତି ସେବା କରି ପାରିବା? ଆତ୍ମସ୍ଵରୂପର ଚିନ୍ତନ ଦ୍ଵାରା! ଆମର ଆତ୍ମସ୍ଵରୂପ କଣ ଅଟେ?

ନବଦ୍ବୀପଧାମରେ ମୁଁ ଗୌରାଙ୍ଗ ମହାପ୍ରଭୁଙ୍କର ଦାସ ଅଟେ | ତାହାଲେ ଯେ ମହାପ୍ରଭୁଙ୍କର ଅର୍ଚନା କରୁଛନ୍ତି କୁହନ୍ତୁ ଯେ ମୁଁ ବାର ବର୍ଷୀୟ ବ୍ରାହ୍ମଣ ବାଳକ ଅଟେ..ପଇତା ଧାରଣ କରିଛି...ସୁନ୍ଦର ବାଳକ ଅଟେ | ଏହିପ୍ରକାରରେ ନିଜର ଚିନ୍ତନ କରୀକିନି ଅର୍ଚନାର ଆରମ୍ଭ କରା ଯାଏ | ଏହା ପରେ, ମୁଁ ମହାପ୍ରଭୁଙ୍କର ଦାସ ଅଟେ, ଆଉ ରାଧାରାଣୀଙ୍କର ଦାସୀ ଅଟେ, ମଞ୍ଜରୀ ଅଟେ, ପ୍ରିୟାନର୍ମସଖି ଅଟେ  | ଏହାର ଚିନ୍ତନ କରିବାର ଅଛି | ତତ୍ପସଚାତ, ଉପାସନା ପ୍ରାରମ୍ଭ କରା ଯାଏ |  ଏହା ପୁର୍ବରୁ ଉପାସନା ପ୍ରାରମ୍ଭ କରିବା ଅସମ୍ଭବ, ଯଦି ଆମେ ଷଡ଼ଗୋସେଇଁଙ୍କର ଆନୁଗତ୍ୟ କରୁଛନ୍ତି ତ | ଅନ୍ୟଥା କିଛି ବି  ହୋଇ ପାରେ | ଅନ୍ୟଥା ବହୁତ ବହୁତ କିଛି ଏବେ ବି  ହେଉଛି | ପରନ୍ତୁ ଯଦି ନିୟମିତ ମାର୍ଗରେ କରା ଯାଏ ତେବେ ହି ..|

ଆପଣ ଭାବନ୍ତୁ, ପରମାତ୍ମା ଆତ୍ମା ଦ୍ଵାରା ପୂଜନୀୟ, ଆମେମାନେ ତ ସେବା ଅଧିକାରୀ ନୁହନ୍ତି |  ଆଉ ଯଦି ଅନ୍ୟଜନ କୁହନ୍ତି ଯେ ଆଶୀର୍ବାଦ ଦିଅନ୍ତୁ କି ଯେ ଆମେ..ଯେ..ଯେଇମିତି ମାନି ନିଅନ୍ତୁ..ସତପରମ୍ପରା ସାଙ୍ଗରେ ଯେ ଯୋଡି ହୋଇ ନାହାନ୍ତି ସେ କୁହନ୍ତି ଯେ ଆଶୀର୍ବାଦ ପ୍ରଦାନ କରନ୍ତୁ ତାକି ଆମେ ଭଗବାନଙ୍କୁ ପ୍ରାପ୍ତ କରି ପାରିବା...ତାଙ୍କୁ ଆପଣ କୁହନ୍ତୁ - କେଉଁ ଭଗବାନଙ୍କୁ ପ୍ରାପ୍ତ କରିବାକୁ ଚାହଁ? ସେ କହିବେ ଭଗବାନ କୃଷ୍ଣଙ୍କୁ | ତାହାଲେ କେଉଁ କୃଷ୍ଣଙ୍କୁ ଚାହଁ? ବ୍ରଜଧାମରେ ତ ଅନେକ ପ୍ରକାରର କୃଷ୍ଣ ରୁହନ୍ତି | ଯଶୋଦାନନ୍ଦନ କୃଷ୍ଣ ବି ଭିନ୍ନ ଦେଖା ପଡନ୍ତି ଆଉ ଲଳିତା ସଖି ସାଙ୍ଗରେ କୃଷ୍ଣ ବି ଭିନ୍ନ ଦେଖା ଯାଆନ୍ତି | ଯେଉଁ କୃଷ୍ଣଙ୍କୁ ମଞ୍ଜରୀମାନେ ଦେଖୁଛନ୍ତି ସେ ତ ବିଲକୁଲ ଅଲଗା! ଯେଉଁ ସଖାମାନେ କୃଷ୍ଣ ସାଙ୍ଗରେ ଅଛନ୍ତି...ସେ କୃଷ୍ଣ ଯେ ସଖାମାନଙ୍କ ସାଙ୍ଗରେ ବୁଲନ୍ତି, ସେ କୃଷ୍ଣ ତ ବିଲକୁଲ ଅଲଗା ଦେଖା ଯାଆନ୍ତି, ବିଲକୁଲ ଭିନ୍ନ |

ତ ସର୍ବପ୍ରଥମେ ଆମକୁ ଜାଣିବାର ଅଛି ଯେ ଆମର କୃଷ୍ଣଙ୍କ ସାଙ୍ଗରେ କେଉଁ ସମ୍ବନ୍ଧ ଅଛି | ଆପଣ ହରିନାମ କରୁଛନ୍ତି, କରୁଛନ୍ତି କି ନାହିଁ? ସେବା ମାଗୁଛ...ସମ୍ବନ୍ଧ ଅଭାବରେ କାହାର କିଛି ସେବା ହୋଇ ପାରେ? ସମ୍ବନ୍ଧ ବିନା ଆଜି ପର୍ଯନ୍ତ କାହାର ସେବା କେହି କରି ପାରିଛି?

ସମ୍ବନ୍ଧ ବିନା କାହାର ବି  ସେବା ହୋଇ ପାରିଛି? ତାହାଲେ ଆପଣ ହରିନାମରୁ ସେବାର ପ୍ରାର୍ଥନା କରୁଛନ୍ତି, ହରିନାମ ସାଙ୍ଗରେ କି ସମ୍ବନ୍ଧ? ହରିନାମ କିଏ? ହରିନାମ କରୁଛନ୍ତି କିନ୍ତୁ କିଏ ହରିନାମ?

ଯେବେ ଆପଣମାନଙ୍କୁ ହରିନାମର ଦୀକ୍ଷା ମିଳିଥିଲା, ତେବେ ଗୋଟିଏ କାଗଜ ବି  ମିଳିଥିଲା | ସେଇଥିରେ କଣ ଲେଖା ହୋଇ ଥିଲା? ହରିନାମ କିଏ?

ନାମ ଚିନ୍ତାମଣିରୂପଂ ନାମଏ୍ଵେବ ପରମାଗତି |
ନାମନଃ  ପରତରଂ ନାସ୍ତି ତସମନ୍ନାମ ଉପାସମହେ ||
ତ୍ରିଭଙ୍ଗଭାଙ୍ଗିମରୂପଂ ବେଣୁରଂଧରଂ କରାନଚିତଂ |
ଗୋପୀମଣ୍ଡଳମଧ୍ୟସ୍ଥ ଶୋବିତଂ ନନ୍ଦନନ୍ଦନଂ ||
ଗୋପୀମଣ୍ଡଳମଧ୍ୟସ୍ଥ ଶୋବିତଂ ନନ୍ଦନନ୍ଦନଂ ||

'ଗୋପୀମଣ୍ଡଳମଧ୍ୟସ୍ଥ ଶୋବିତଂ ନନ୍ଦନନ୍ଦନଂ' | ଏହା ହିଁ ଆମର ନାଁ ଅଟେ, କିଏ? ଗୋପୀଗଣ ମଧ୍ୟରେ, ଗୋପୀମଣ୍ଡଳରେ..ଗୋପୀମାନଙ୍କ ମଣ୍ଡଳ ଅଛି ନା, ତାର ମଧ୍ୟରେ, ମଧ୍ୟସ୍ଥମ, ସେ ତାହାଲେ କଣ ହୁଅନ୍ତି? ଶୋଭିତ ହୁଅନ୍ତି | କିଏ? ନନ୍ଦରାଜାଙ୍କର ପୁତ୍ର- ନନ୍ଦନନ୍ଦନଂ | ଏହା ପରେ ଏହିନାଁ କଣ?
'ନମୋ ନଳିନନେତ୍ରାୟ', ପଦ୍ମଲୋଚନ, ପଦ୍ମ ସମାନ ନେତ୍ର, ପୁଣ୍ଡରୀକାକ୍ଷ! 'ନମୋ ନଳିନନେତ୍ରାୟ ବେଣୁ-ବାଦ୍ୟ ବିନୋଦିନେ', ସେ କୃଷ୍ଣ ଯାହାଙ୍କର ଆଖି, କମଳଲୋଚନ, କମଳନୟନ ଅଟନ୍ତି...'ବେଣୁ-ବାଦ୍ୟ ବିନୋଦିନେ' ଯେ ନିରନ୍ତର ବେଣୁ ବାଦନ କରନ୍ତି | ଆଗେ କୁହା ଯାଇଛି, 'ରାଧା-ଅଧର-ସୁଦ୍ଧା-ପାନଂ-ଶାଳିନେ-ବନମାଳିନେ' | ସେ କୃଷ୍ଣ କିଏ? ପ୍ରଥମେ ସେ ତ 'ଗୋପୀମଣ୍ଡଳମଧ୍ୟସ୍ଥ' ଅଟନ୍ତି | କୃପା କରି ଧ୍ୟାନ କେନ୍ଦ୍ରିତ ରଖନ୍ତୁ | ପୁଣି 'ଶୋବିତଂ ନନ୍ଦନନ୍ଦନମ୍' | ବେଣୁ..ବଂଶୀ ବାଦନ କରନ୍ତି | ତଦୁପରାନ୍ତ, 'ରାଧା-ଅଧର-ସୁଦ୍ଧା-ପାନଂ-ଶାଳିନେ-ବନମାଳିନେ' | ରାଧାରାଣୀଙ୍କର ଯେ..ରାଧାରାଣୀଙ୍କର ଅଧରରୁ ଅମୃତ ପାନ କରିବାରେ ନିପୁଣ! ଏହିଆମର କୃଷ୍ଣ ଯାହାଙ୍କର ପୂଜା ଆମେ କରନ୍ତି | ସେ କୃଷ୍ଣ ଯେ ରାଧାଙ୍କର ଅମୃତ-ସୁଦ୍ଧା-ପାନ କରିବାରେ...ଅଧରରୁ ଓଧଭୁତ ଅମୃତ...କମଳପରି ଅଧର ରାଧାରାଣୀଙ୍କର...ପିଇବାରେ ଯେ ନିପୁଣ...ସେଇ କୃଷ୍ଣଚନ୍ଦ୍ରଙ୍କର ଆମେ ଉପାସନା କରନ୍ତି |

ତାହାଲେ ଆମର ଏହିନାଁ ସାଙ୍ଗରେ କେଉଁ ସମ୍ବନ୍ଧ? ହରିନାମ କାହିଁକି ନେଉଛନ୍ତି? ଆପଣ ସେବା ମାଗୁଛନ୍ତି? କାହାର ସେବା? ପ୍ରଥମେ ଏହା ଜାଣିବାର ଚେଷ୍ଟା କରନ୍ତୁ! ନାଁ, ପୁଣି କେଇମିତି ନେବ ନାଁ? ସେଇ ନାଁ ନେଇ କିନି କଣ ଲାଭ? ସେଇଥି ପାଇଁ ନାଁ ନେବା ସାଙ୍ଗରେ ସମ୍ବନ୍ଧ ହୋଇବା ଅତି ଆବଶ୍ୟକ | ସମ୍ବନ୍ଧର ଅଭାବରେ କିଏ ବି  ନାଁ ଠିକ ଭାବରେ ନେଇ ପାରେ ନା | ନା କିଛି ସେବା ପ୍ରାପ୍ତ କରି ପାରେ | ସମ୍ବନ୍ଧ ବିନା ଆପଣ ଆଜି ପର୍ଯନ୍ତ କାହାରଭି ସେବା କରିଛନ୍ତି? କୁହନ୍ତୁ? ଆଜି ପର୍ଯନ୍ତ କାହାର ବି  ସେବା କରିଛନ୍ତି? କେବେ ବି ? ତ୍ରିକାଳ ରେ?

ନିଜ ପୁତ୍ରର ସେବା କରୁଛନ୍ତି, କାହିଁକି? ଆପଣ ଭାବନ୍ତି ଯେ ସମ୍ବନ୍ଧ ଅଛି | ସ୍ୱାମୀର? କାହିଁକି? ସମ୍ବନ୍ଧ ଅଛି ଏହା ମଣୁଛନ୍ତି | ସାଙ୍ଗରେ ଯେ ବସିଛନ୍ତି ତାଙ୍କର ତ ସେବା କରୁ ନାହାନ୍ତି? ଯଦି ସମ୍ବନ୍ଧ ମାନିବେ ନାହିଁ ତାହାଲେ ସେବା କରିବେ ନାହିଁ | ଏଇଥି ପାଇଁ ସମ୍ବନ୍ଧ ଜ୍ଞାନ ହୋଇବା ସବୁଠୁଁ ଆବଶ୍ୟକ ଅଟେ | ଯେବେ ଆମେ ସାଧୁମାନଙ୍କ ସାଙ୍ଗରେ ମିଳନ୍ତି ତେବେ ସାଧୁସଙ୍ଗରେ ସର୍ବପ୍ରଥମେ କେଉଁ ବସ୍ତୁର ପ୍ରାପ୍ତି ହୁଏ? କଣ ପ୍ରାପ୍ତ ହୋଇ ଥାଏ?

ସମ୍ବନ୍ଧ ବିଷୟରେ ଜ୍ଞାନ! ଆପଣ କିଏ ଆଉ କୃଷ୍ଣ କିଏ | କେଉଁ କୃଷ୍ଣଙ୍କର ଉପାସନା କରୁଛନ୍ତି | ଏହାକୁ ହି ଭୁତଶୁଦ୍ଧି କୁହା ଯାଏ...ଯେ ମୁଁ ପୂଜା କରୁ ନାହିଁ, ମୁଁ ଭଗବାନଙ୍କର ଦାସୀରୂପରେ ପୂଜା କରୁଛି | ଯେଉଁ କୃଷ୍ଣଙ୍କର ଆମେ ଉପାସନା କରୁଛନ୍ତି...ଯେ ସଖାଭାବରେ କୃଷ୍ଣଙ୍କର ଉପାସନା କରନ୍ତି ସେମାନେ ଆମର କୃଷ୍ଣର ଆରାଧନା କରନ୍ତି ନାହିଁ - 'ଗୋପୀମଣ୍ଡଳମଧ୍ୟସ୍ଥ ଶୋଭିତଂ ନନ୍ଦନନ୍ଦନଂ' - ତାଙ୍କୁ ଏହିକୃଷ୍ଣଙ୍କର ଉପାସନା କରିବା ଦରକାର ନାହିଁ | ତାଙ୍କୁ କେବଳ ସଖା-ଭାବର କୃଷ୍ଣଙ୍କ ସାଙ୍ଗରେ ସରୋକାର ଅଛି |

ତ ଆମକୁ ଜଣା ହୋଇବା ଦରକାର...ଏକଦମ ଆରମ୍ଭରୁ, ଯେ ଆମେ କଣ କରୁଛନ୍ତି | ଏହିକଥା ମୁଁ ଆପଣଙ୍କୁ କାହିଁକି କହୁଛି ଏହା ମୁଁ ଆପଣଙ୍କୁ ଏବେ କହିବି | କୁହା ଯାଇଛି ଯେ:

**ଭୁତଶୁଦ୍ଧି ବିନା କାର୍ଯ୍ଯମଜପହୋମାଦିକ କ୍ରିୟା |**
**ଭବନ୍ତି ନିଷ୍ଫଲା ସର୍ବା ଯଥାବିଦ୍ଧି ଅପି ଅନୁଷ୍ଠିତାଃ || (ହରିଭକ୍ତିବିଳାସ ୨.୫.୬୪)**

ଯଦି ଆମେ ଭୁତଶୁଦ୍ଧି କରି ବିନା ହି କିଛି ଭକ୍ତି-କ୍ରିୟା ଆରମ୍ଭ କରନ୍ତି, କିଛି ବି , କଣ କୁହା ଯାଇଛି? ଜପ-ହୋମ-ଆଦି, ଆମେ କିଛି ବି ଭକ୍ତି-ସାଧନା କରନ୍ତି, ଅର୍ଚନା କରନ୍ତି, ତାର କଣ ପରିଣାମ? 'ନିଷ୍ଫଳ ମତଃ', ଭୁତଶୁଦ୍ଧିର ଅଭାବରେ ସବୁ ନିଷ୍ଫଳ ହୋଇ ଯାଏ | ସେ ଉପାସନାର କିଛି ଫଳ ପ୍ରାପ୍ତ ହୁଏ ନାହିଁ | ଯେଉଁ ବି କାର୍ଯ୍ୟ କରୁଛନ୍ତି- ଅର୍ଚନା ଇତ୍ୟାଦି- ସେ ନିଷ୍ଫଳ! କେତେ ଗୁରୁତ୍ତ୍ୱପୁର୍ଣ ଏହିକଥା, ନିଜେ ବିଚାର କରନ୍ତୁ | ଆମେ କେବେ ବି ଏହିବିଷୟରେ ଭାବୁଛନ୍ତି?

ଭଗବାନ ନରସିଂହଙ୍କର ଯେ ଉପାସକମାନେ ସେ ଏଇମିତି ଭୁତଶୁଦ୍ଧି କରନ୍ତି ନାହିଁ- 'ଗୋପୀମଣ୍ଡଳମଧ୍ୟସ୍ଥ' | ତାଙ୍କର ଉପାସକଙ୍କୁ କେଇମିତି ଭୁତଶୁଦ୍ଧି କରିବାର ଅଛି, ଯେ ନରସିଂହ ଭଗବାନଙ୍କର ଉପାସକ? 'ମୁଁ ନରସିଂହ ଭଗବାନଙ୍କର ଦାସ ଅଟେ' - ଏହିତାଙ୍କର ଭୁତଶୁଦ୍ଧି | ଗୌରାଙ୍ଗ ମହାପ୍ରଭୁଙ୍କର ସେବା କରିଲା ବେଳେ ମୁଁ ଗୌରାଙ୍ଗ ମହାପ୍ରଭୁଙ୍କର ଦାସ- ଏହା ଭାବିବାର ଅଛି | 'ଗୋପୀମଣ୍ଡଳମଧ୍ୟସ୍ଥ' ଭାବିବା ଥୋଡୀ? ତ ଯାହାଙ୍କର ଉପାସନା କରୁଛନ୍ତି ଏହିକଥା ପୂର୍ବରୁ ହି ଜାଣିବା ଦରକାର, ଅନ୍ୟଥା ସବୁ ନିଷ୍ଫଳ | କେଇମିତି ନିଷ୍ଫଳ? ଯଦି ଆପଣଙ୍କୁ କୁହା ଯାଇଛି ନିୟମିତ ରୂପରେ ଅନୁଷ୍ଠାନ କରନ୍ତୁ, ଶାସ୍ତ୍ରର କୁହା ମାର୍ଗରେ, ସଠିକ ମନ୍ତ୍ରର ଉଚାରଣ ବି କରନ୍ତୁ, ତେବେ ବି - 'ନିଷ୍ଫଳ ସର୍ବା ଯଥା ବିଧି ଅପି ଅନୁଷ୍ଠିତାଃ'! 'ଯଥାବିଧି'- ଯଦି ବିଧିପୂର୍ବକ ଅନୁଷ୍ଠାନ ବି କରୁଛନ୍ତି ତାହାଲେ ବି କଣ ହୋଇବ? 'ନିଷ୍ଫଳ ମତଃ'- ସେ ସବୁ ନିଷ୍ଫଳ ହୋଇ ଯିବ ଯଦି ଆମେ ଭୁତଶୁଦ୍ଧି କରିବିନା ହି କାର୍ଯ୍ୟ କରିବା, ଭକ୍ତି କରିବା | କେତେ ମହତ୍ତ୍ୱପୁର୍ଣ ଏହିକଥା |

ଯଦି ଆମେ ବାସ୍ତବରେ ସାଧୁସଙ୍ଗ କରୁଛନ୍ତି ତେବେ ଆମକୁ ଜଣ ଯିବ ଯେ ହରିନାମ କିଏ | ଯଦି ଆମେ ବାସ୍ତବିକ ସାଧୁସଙ୍ଗ କରିବା, ଯେ ସତପରମ୍ପରା ସାଙ୍ଗରେ ଯୋଡି ହୋଇଛନ୍ତି, ତେବେ ଆମକୁ ଭକ୍ତିମାର୍ଗର ସବୁ ରହସ୍ୟ ପ୍ରକାଶ ହୋଇବ | ଅନ୍ୟଥା ଭକ୍ତି ତ ଅପୂର୍ବ ରହସ୍ୟମୟ ଅଟେ | ସବୁ ରହସ୍ୟ ମଧରେ ସବୁଠୁଁ ବଡ଼ ରହସ୍ୟ କଣ? ଭକ୍ତି! ଆମକୁ ଏହା ଲାଗେ ଯେ ଆମେ ଭକ୍ତି କରୁଛନ୍ତି କିନ୍ତୁ ବାସ୍ତବରେ ଆମେ କରୁନାହାନ୍ତି | ଏହାପାଇଁ ଭୁତଶୁଦ୍ଧି ଅତି ମହତ୍ତ୍ୱପୁର୍ଣ ଅଟେ |

ପୁଣି, ଭୁତଶୁଦ୍ଧି କରିବିନା ସବୁ କାର୍ଯ୍ୟ ନିଷ୍ଫଳ ହୋଇ ଯାଏ | ଆପଣମାନେ ବୁଝି ପାରୁଛନ୍ତି ନା? ଆଛା, ଏହିଭୁତଶୁଦ୍ଧି କଣ?

**ଚିନ୍ତନମାତ୍ରେଣିତି ପୂରକକୁମ୍ଭକାଦିକଂ ବିନା,**
**କେବଲଂ ଭାବନୟେବ ଦେହଶୋଧନାଦିଙ୍କ କୃତ୍ୟବେତ୍ୟାର୍ଥ |**

ଗୁରୁପ୍ରଦତ୍ତ ସିଦ୍ଧଦେହର ଚିନ୍ତନକୁ ହି ଭୁତଶୁଦ୍ଧି କୁହା ଯାଏ |

ଗୁରୁ ଯୋଉ ସିଦ୍ଧପ୍ରଣାଳୀ ଦେଇଛନ୍ତି ସେଇଥିରେ ଯୋଉ ସ୍ୱରୂପ କୁହା ଯାଇଛି, ଯେ ଆପଣ ଅମକ ନାଁରେ ଜଣା ଯାଉ | ଯେଇମିତି ଆପଣ ମାନି ନିୟନ୍ତୁ ଯେ ଆପଣ ଅମିୟା ମଞ୍ଜରୀ ଅଟନ୍ତି..ହଁ, ଆପଣଙ୍କର ସ୍ୱଭାବ ସମାଧୀରା କିମ୍ବା ଧୀରାମଧା, ତ ଏଇଟା ଆପଣଙ୍କର ସନାତନ ସ୍ୱଭାବ | ଆପଣଙ୍କର ଏହିନାଁ, ଆପଣ ଏଇଠି ରୁହନ୍ତି, ଆପଣଙ୍କର ଏହିସେବା, ତେବେ ଆପଣଙ୍କୁ ନିଜ ଗୁରୁପ୍ରଦତ୍ତ ସିଦ୍ଧପ୍ରଣାଳୀ ଅନୁସାରେ ଚିନ୍ତନ କରିବାକୁ ହୋଇବ | ଏହି ଯଥାବିଧି ଚିନ୍ତନକୁ ଭୁତଶୁଦ୍ଧି କୁହା ଯାଏ | ଏହି ତ ଆରମ୍ଭର କଥା | ଅର୍ଚନା କେବେ କରିବାର ଅଛି? ପ୍ରତିଦିନ, ପ୍ରତିଦିନ କରିବାର ଅଛି | ଆଉ ପ୍ରତିଦିନ ଅର୍ଚନା କରିବା ପୁର୍ବୁରୁ କଣ? ଭୁତଶୁଦ୍ଧି! ଆଉ ଭୁତଶୁଦ୍ଧି ବାସ୍ତବରେ କେଇମିତି ହୁଏ? ଗୁରୁପ୍ରଦତ୍ତ ସିଦ୍ଧଦେହର ଚିନ୍ତନ କରିକିନି |

ଯାହାଙ୍କୁ ଗୁରୁପ୍ରଦତ୍ତ ସିଦ୍ଧଦେହ ପ୍ରାପ୍ତ ନୁହେ, ଯାହାଙ୍କୁ କେବଳ ମନ୍ତ୍ର ପ୍ରାପ୍ତ ହୋଇଛି, ତ ଏକଦୃଷ୍ଟିକୋଣରୁ ତ ସେଇ ମାନେ ବି ...ତାଙ୍କର ବି ଭୁତଶୁଦ୍ଧି ହୋଇଛି | କେଇମିତି? କେଇମିତି ହେଇଚି? 'ବିଦମହେ' | 'ବିଦମହେ' ମାନେ- ମୁଁ ଜାଣିଛି, 'ବିଶ୍ୱମ୍ଭରାୟ ଧୀମହୀ', ପ୍ରଥମେ ବିଦମହେ ମାନେ ମୁଁ ଜାଣିଛି, ସେଇଥିପାଇଁ ଧ୍ୟାନ କରୁଛି ଆପଣଙ୍କର ସୁନ୍ଦରରୂପର | 'ବିଶ୍ୱମ୍ଭରାୟ ଧୀମହୀ'- ଆପଣଙ୍କର ଏହିରୂପର ଧ୍ୟାନ କରୁଛି | ଯଦି ମୁଁ ଧ୍ୟାନ ଧରିଛି ତେବେ ଆପଣ କଣ କୃପା କରନ୍ତୁ? କୃପା କରୀକିନି ଆପଣ ନିଜ ପ୍ରେମମୟଭକ୍ତି ମୋତେ ପ୍ରଦାନ କରନ୍ତୁ | ତାହାଲେ କଣ ହୋଇଲା? 'ବିଦମହେ' ମାନେ ସମ୍ବନ୍ଧ, ଆଉ ସେ 'ଧୀମହୀ' ମାନେ ଅଭିଦେୟ, 'ପ୍ରଚୋଦୟାତ' ମାନେ ପ୍ରୟୋଜନ | ସମ୍ବନ୍ଧ, ଅଭିଦେୟ ଆଉ ପ୍ରୟୋଜନ | ଏହିତିନି ଗାୟତ୍ରୀରେ ଆସି ଯାନ୍ତି | ଯେବେ ଆମମାନଙ୍କୁ ମନ୍ତ୍ରଦୀକ୍ଷା ପ୍ରାପ୍ତ ହୁଏ, ତାହାଲେ ମୁଁ  'ଜାଣିଛି' , ଏହା ନୁହେ ଯେ ମୁଁ ଗାୟତ୍ରୀମନ୍ତ୍ରର ପାଠ କରୁଛି | ନାଇଁ, ନାଇଁ! ପାଠ କରିଲେ କିଛି ବି  ହୋଇବ ନାହିଁ!

ଗାୟତ୍ରୀମନ୍ତ୍ରକୁ ଭଲଭାବରେ ଭୁଝିକିନି ତାର ମାନସିକରୂପରେ ଉଚ୍ଚାରଣ କରିବା ଦରକାର | ବାର୍ତା ବୁଝିବାରେ ଆସୁଛି ତ? ମୁଁ ଜାଣେ, ମୁଁ ଜାଣେ ଯେ ଆପଣ କିଏ! 'ତ୍ରିଭଙ୍ଗଭାଙ୍ଗୀମରୂପଂ' - ଭାଲଭାବରେ ଜାଣିଛି ଆପଣଙ୍କୁ | ଆପଣ ତ 'କୃଷ୍ଣାୟ, ଗୋବିନ୍ଦାୟ, ଗୋପୀଜନବଲ୍ଲଭାୟ' ଅଟନ୍ତି | ଭଲଭାବରେ ଏହାଙ୍କୁ ସ୍ୱାହା କରିଛି | ଏହାଙ୍କର ସେବାରେ ନିୟୁକ୍ତ ହୋଇଛି | ପ୍ରଥମେ ସମ୍ବନ୍ଧ ହୋଇବ ନା? ଏଇୟା ପରେ ହି ତ ସେବାରେ ନିୟୁକ୍ତ ହୋଇବ! ଅନ୍ୟଥା ସେବାରେ କେଇମିତି ନିୟୁକ୍ତ ହୋଇବ? ଏବେ ବିଲ ଗେଟସ ପାଖକୁ ଚାଲି ଯାଆନ୍ତୁ ଆଉ କୁହନ୍ତୁ- ମୁଁ ଆପଣଙ୍କର ସେବାରେ ନିୟୁକ୍ତ ହୋଇ ଯାଇଛି | ଆପଣ କିଏ? ଜଣା ନାହିଁ | ଆଛା, ସେବାରେ କେଇମିତି ନିୟୁକ୍ତ ହୋଇଛନ୍ତି? ଏହିତ କେବଳ ଶବ୍ଦମାତ୍ର ଉଚ୍ଚାରଣ କରୁଛନ୍ତି ନା? They are just words...ହରେ କୃଷ୍ଣ, ହରେ କୃଷ୍ଣ | ସେ ତ ଠିକ ଅଛି, ପରନ୍ତୁ କୋଉ ପ୍ରକାରର ସେବା ଯାଚୁଛ? ସେ ତ ମୋତେ ବି  ଜଣା ନାହିଁ- ହରେ କୃଷ୍ଣ, ହରେ କୃଷ୍ଣ! ନା, ଏହିହରେ କୃଷ୍ଣ ଠିକଭାବରେ ସହାୟତା କରି ପାରିବ ନାହିଁ - ନିଷ୍ଫଳ | ଏଇଥି ପାଇଁ ଗୁରୁପ୍ରଦତ୍ତ ସିଦ୍ଧଦେହର ଚିନ୍ତନ ଅନିବାର୍ଯ୍ୟ!

ରୂପ ଗୋସେଇଁ ନିଜ ଗ୍ରଂଥ 'ସୂତ୍ର-ଉପାସନା-ବୈଷ୍ଣବ-ପୂଜାବିଧି' ରେ ଲେଖୁଛନ୍ତି :

**ପ୍ରଥମତଃ ରାଧାକୃଷ୍ଣସ୍ମରଣାଂ |**
**ଆସନୋପରି ଉପବିଷ୍ୟ ସିଦ୍ଧଦେହ ଭାବୟତ || ( ସୂତ୍ର-ଉପାସନା-ବୈଷ୍ଣବ-ପୂଜାବିଧି ଗ୍ରଂଥ ୧ )**

ସର୍ବପ୍ରଥମେ କଣ କରିବାର ଅଛି? ରାଧାକୃଷ୍ଣଙ୍କର ସ୍ମରଣ | ପୁଣି? 'ଆସନୋପରି ଉପବିଷ୍ୟ ସିଦ୍ଧଦେହ ଭାବୟତ'- ଆସନ ଉପରେ ବସିକିନି କଣ କରନ୍ତୁ? ସିଦ୍ଧଦେହର ଭାବନା କରନ୍ତୁ! ଗୁରୁପ୍ରଦତ୍ତ ସିଦ୍ଧଦେହର ଭାବନା କରନ୍ତୁ | ଏହା କୁହା ଯାଇନି ଯେ କରି ନିଅନ୍ତୁ ନା...ପ୍ଲିଜ..ଆଦେଶ ଦିୟା ଯାଇଛି - କରନ୍ତୁ | ତାହାଲେ ହି ଉପାସନା ଠିକ ଭାବରେ ଆରମ୍ଭ ହୋଇ ପାରିବ - ଯଥାବିଧି | କେତେ ମହତ୍ୱପୁର୍ଣ ଏହିକଥା!

ଏହି କାରଣରୁ ଅନେକଜନ ଭାବନ୍ତି ଯେ ଏହିତ ବହୁତ ଉଚ୍ଚ କୋଟିର ଭକ୍ତି ଅଟେ - ଏହା ତ ନ ଜଣା କେବେ ହୋଇ ପାରିବ | ଆରେ! ଏହିତ ଆରମ୍ଭ- ସିଦ୍ଧଦେହ ! ସେ କୁହନ୍ତି କୋଡେଇବର୍ଷ ଉପରାନ୍ତ ସିଦ୍ଧଦେହ ବିଷୟରେ ଚର୍ଚା କରିବା | କୋଡେଇବର୍ଷ ପରେ ନୁହେଁ ଆମକୁ ତ କୋଡେଇ ଦିନ ପୁର୍ବୁରୁ ଦରକାର! କିଏ ଦେଖିଛି କୋଡ଼େଇବର୍ଷର କଣ କ୍ରମ? କାହିଁକି? ଅର୍ଚନା କରିବା ପାଇଁ? ଦୀକ୍ଷା ଉପରାନ୍ତ କଣ ଅର୍ଚନା ଅଭାବରେ କିଛି ହୋଇବ ନାହିଁ? ଅର୍ଚନା ସିଦ୍ଧଦେହର ଚିନ୍ତନ ବିନା ସଠିକ ଭାବରେ ହୋଇ ପାରିବ ନାହିଁ | ତାହାଲେ ସିଦ୍ଧଦେହ କେବେ ଦରକାର? ଏବେ ହିଁ, ତୁରନ୍ତ! ଆମମାନଙ୍କୁ କାନ୍ଦିବା, ଯାଚିବା ଦରକାର - ମୋତେ ମୋର ନିଜ ସନାତନ ସିଦ୍ଧଦେହ ଦରକାର! ଏହିତ କେବଳ ମଞ୍ଜରିଭାବର ପରମ୍ପରାରେ ଅଟେ | ସିଦ୍ଧି ପୂର୍ବରୁ, ସିଦ୍ଧି ପାଇବେ ପୂର୍ବରୁ ହି ନିଜ ସିଦ୍ଧସ୍ୱରୂପ ବିଷୟରେ ସବୁ କିଛି ଜଣା ପଡି ଯାଏ | ମାତ୍ର ମଞ୍ଜରୀସ୍ୱରୂପ ସାଧନାରେ |

ଏବେ ପ୍ରଶ୍ନ ଏଇୟା ଯେ ଆମମାନଙ୍କ ସିଦ୍ଧି ସିଦ୍ଧପ୍ରଣାଳୀ ଦ୍ୱାରା ମିଳିବ...ତେବେ ଯୋଉ ମାନେ ଅନ୍ୟ ରସର ଉପାସନା କରୁଛନ୍ତି ତାଙ୍କୁ ସିଦ୍ଧି ମିଳିବ ନାହିଁ? ପୁଣି ତାଙ୍କର ସିଦ୍ଧି କେଇମିତି ହୋଇବ? ଯେମିତି, ଯେ ସାଖ୍ୟଭାବରେ ଅଛନ୍ତି ଅଥବା ଗୋପୀଭାବ...କିମ୍ବା ନିମ୍ବାର୍କ ସମ୍ପ୍ରଦାୟରେ ଅଟନ୍ତି...ନିମ୍ବାର୍କ ସମ୍ପ୍ରଦାୟରେ ଗୋପୀଭାବ ଅଟେ ...ତ ସେମାନଙ୍କୁ ସିଦ୍ଧପ୍ରଣାଳୀ ମିଳେ ନାହିଁ, ତ ତାଙ୍କର ସିଦ୍ଧି କେମିତି ସମ୍ଭବ? କଣ ମନ୍ତ୍ର ପ୍ରକାଶ କରିଦେବେ?

କେବଳ ମଞ୍ଜରୀଭାବରେ ଏହି ପ୍ରକ୍ରିୟା ପରମ୍ପରା ଦ୍ୱାରା ସ୍ଥାପିତ ହୋଇଛି- ଯେ ଏଇଠି ସିଦ୍ଧପ୍ରଣାଳୀର ଆବଶ୍ୟକତା ପଡେ ଆଉ ସିଦ୍ଧଦେହର ଚିନ୍ତନ କରା ଯାଏ | ଏବେ ଆମମାନଙ୍କୁ ମଞ୍ଜରୀଭାବର ସିଦ୍ଧପ୍ରଣାଳୀ ପ୍ରାପ୍ତ ହୋଇବ, ନବଦ୍ୱୀପର ନୁହେ | ନବଦ୍ୱୀପରେ କଣ ହୋଇବ? ମନ୍ତ୍ର ପ୍ରକାଶ କରିବେ! ସେଇ ପ୍ରକାରେ ଅନ୍ୟରସଙ୍କ ମଧ୍ୟରେ ମନ୍ତ୍ର ସବୁ କିଛି ପ୍ରକଟ କରନ୍ତି | ପରନ୍ତୁ ନବଦ୍ୱୀପରେ ବି  ଆମକୁ କଣ ଚିନ୍ତନ କରିବାର ଅଛି? ଯେ ମୁ ଗୋଟିଏ ବାରବର୍ଷୀୟ ବ୍ରାହ୍ମଣବାଳକ ଅଟେ, ସେବକ ଅଟେ, କିଶୋର ଅଟେ- କିଶୋର କେବଳ ଦେଖା ଦେଲେ କିନ୍ତୁ ବାରବର୍ଷୀୟ ଅଟେ | ଏହିସବୁ ମୂଳର କଥା | ତନିକ ଭାବନ୍ତୁ, ଏହିସବୁ Basics ଅଟେ, Bare Basics, ହଁ କି ନା? ଆଉ ଯାହାର ମନ୍ତ୍ରଦୀକ୍ଷା ହୋଇ ନାହିଁ, ସେ ତ କିଛି ଅର୍ପଣ କରିବା ପାଇଁ ବି  ଯୋଗ୍ୟ ନୁହେ! ଯାହାଙ୍କର ପରିବାରରେ ଗୋଟିଏ ଜନର ବି  ଦୀକ୍ଷା ହୋଇଛି ନାହିଁ, ସେ ଗୃହରେ ଭଗବାନଙ୍କୁ କିଛି ଅର୍ପଣ କରିବା ଉଚିତ ନୁହେଁ | ତ ଆମକୁ ମନ୍ତ୍ରଦୀକ୍ଷା ସାଙ୍ଗରେ ସିଦ୍ଧଦେହର ଅତି ଆବଶ୍ୟକତା ଅଟେ! ତେବେ ଯାଇକିନି ଭକ୍ତି ସୁଚାରୁରୂପ ରେ ଆରମ୍ଭ ହୋଇ ପାରିବ! ନରୋତ୍ତମଦାସ ଠାକୁର କୁହନ୍ତି:

**ହରି ହରି କି ମୋର କର୍ମଗତି ମନ୍ଦ |**
**ବ୍ରଜେ ରାଧାକୃଷ୍ଣ ପଦ ନ ଭଜିନୁ ତିଳ ଆଧ, ନା ବୁଝିନୁ ରାଗେର ସମ୍ବନ୍ଧ || (ପ୍ରାର୍ଥନା ୨)**

ମୋର କର୍ମର ଗତି କେତେ ମନ୍ଦ, କେତେ ଶଃନେଇ ଅଟେ! ମୋତେ ମୋର ରାଗେରସମ୍ବନ୍ଧ ବିଷୟରେ କିଛି ଜଣା ନୁହେ | ମୁଁ ନାଁ ନେଉଛି, କିନ୍ତୁ ମୋତେ ମୋର ଶ୍ରୀକୃଷ୍ଣଙ୍କ ସାଙ୍ଗରେ ଥିବା ସମ୍ବନ୍ଧ ବିଷୟରେ କିଛି ଜଣା ନାହିଁ | ଭାବନ୍ତୁ! ମୁଁ କାହାକୁ ତ ଡାକୁଛି କିନ୍ତୁ ଜାଣି ନାହିଁ କାହାକୁ! ରାତ୍ରିଦିନ ତାକୁ ଡାକୁଛି, କେତେ ବର୍ଷରୁ morning programme କରୁଛନ୍ତି- ସାତବର୍ଷ ହୋଇ ଗଲାଣି ! କାହାକୁ ଡାକୁଛନ୍ତି ଜଣା ନାହିଁ!

"ମୁଁ ଏବେ morning programme ଦୃଢ଼ କରୁଛି!" ଆରେ କାହାକୁ ଡାକୁଛ? "ସେ ସବୁ ଠିକ ସମୟ ଆସିଲେ ଗୁରୁ କହିବେ କାହାକୁ ଡାକୁଛ!" କଣ କହୁଛ ଭ୍ରାତା?  ଆପଣଙ୍କର ଭୁତଶୁଦ୍ଧି ହୋଇଛି ନାହିଁ ସେଇଥିପାଇଁ ଆପଣ ଭୁତଭଳି କଥା କହୁଛନ୍ତି! ଯେବେ ଭୁତ ଚଡି ଯାଏ ତେବେ ବ୍ୟକ୍ତି ସାମାନ୍ୟ ଭାବରେ କଥା କହି ପାରେ ନାହିଁ! ଏହିକଥା ସେଇ ପରି | "ସ୍ୱୟଂ ଜଣା ଚାଲି ଯିବ!" କଣ ଜଣା ଚାଲି ଯିବ? ସ୍ୱୟଂ କଣ ଜଣା ଚାଲି ଯିବ?

ଭିନ୍ନ-ଭିନ୍ନ ସାଧନାରେ ବି ନ-ଭିନ୍ନ ମନ୍ତ୍ର ହୋଇ ଥାଏ | ଯଦି ଆମେ ସଖା ଭାବ ପାଇବା ପାଇଁ ଆତୁର ତ ସେଇ ସାଧନାରେ ବି ନ ମନ୍ତ୍ର ହୋଇ ଥାଏ | ସେଇମିତି ଯଦି ଆମେ ଗୋପୀ ହୋଇବାର କାମନା ରଖୁଛନ୍ତି ତ ତାଧେରେ ବି ନ ମନ୍ତ୍ର ଅଟନ୍ତି | ମଞ୍ଜରିଭାବରେ ବି ନ ମନ୍ତ୍ର | ଯାହା ବନିବାର ଇଛା, ଯେଉଁ ସମ୍ବନ୍ଧ ଗଢିବାର ଇଛା, ସେଇମିତି ଗୁରୁଙ୍କର ଦୀକ୍ଷା ପ୍ରାପ୍ତ କରନ୍ତୁ | ସେଇ ଭାବର ମନ୍ତ୍ର ପ୍ରାପ୍ତ କରନ୍ତୁ ଆଉ ଭୁତଶୁଦ୍ଧି କରୀକିନି ଅର୍ଚନା ପ୍ରାରମ୍ଭ କରନ୍ତୁ | ଆଉ ଭୁତଶୁଦ୍ଧି ପରେ ହି ଜପ ଆରମ୍ଭ କରନ୍ତୁ ନହଲେ ସଠିକରୂପରେ ଜପ କେଇମିତି କରି ପାରିବେ? ଆପଣ ଜପ କରୁଛନ୍ତି- ହରେ କୃଷ୍ଣ ହରେ କୃଷ୍ଣ..ହେ ପ୍ରଭୁ! ମୋତେ ନିଜ ସେବାରେ ନଗାଆନ୍ତୁ...ଭଗବାନ ପ୍ରଶ୍ନ କରନ୍ତି - ତମେ କିଏ, ମୁଁ କିଏ? କିଛି ବି  ଜଣା ନାହିଁ ବାସ ମୋତେ ସେବାରେ ନାଗାଓ! ସେବା କେଇମିତି କରି ପାରିବେ? ଏତେ ମହତ୍ତ୍ୱପୁର୍ଣ ଏହିଜିନ୍ସ!

ଏଇଥି ପାଇଁ କୁହା ଯାଇଛି - "ଆଦିକଃ" - ଯାହା କିଛି ବି  ଭୁତଶୁଦ୍ଧି ବିନା କରିବେ ସେ ସବୁ ନିଷ୍ଫଳ ହୋଇ ଯିବ | ଯାହା କିଛି ବି କରିବେ...ଆପଣ ଯାହା କିଛି ବି  କରନ୍ତୁ - ଜପ, ଅର୍ଚନ, ଗାୟତ୍ରୀ - ସବୁ କିଛି ଭୁତଶୁଦ୍ଧି କରୀକିନି କରନ୍ତୁ | ଏଇମିତି ଭାବନ୍ତୁ ନାହିଁ ଯେ 'ମୁଁ' ଗାୟତ୍ରୀ କରୁଛି- ତରୁଣ ଗୁପ୍ତା କିମ୍ବା ତରୁଣ ଆନନ୍ଦ | 'ମୁଁ ଗାୟତ୍ରୀ କରୁଛି! ଆରେ! ତରୁଣ ଆନନ୍ଦକୁ କିଛି ବି  ଗାୟତ୍ରୀ କରିବାର ଆବଶ୍ୟକତା ନାହିଁ | ସେ ତ ଭୌତିକ ବ୍ୟକ୍ତି | ଏହିଜିନ୍ସ ତ ଆଧାତ୍ମିକ! ଭଗବାନଙ୍କର ସେବା କିଏ କରିବେ? ଆଧାତ୍ମିକ ବ୍ୟକ୍ତି କରିବେ! କେଇମିତି? ମନ୍ତ୍ର ମାଧ୍ୟମରେ! ସେତେବେଳେ ସେବା ହୁଏ ଯେତେବେଳେ ଆଧାତ୍ମିକ ବ୍ୟକ୍ତି ମନ୍ତ୍ର ଦ୍ୱାରା ଭଗବାନଙ୍କର ଉପାସନା କରେ | ଭୁତର ଶୁଦ୍ଧିକରଣ ହୋଇ ଗଲା ତ ମୁଁ ବି  ଆଧାତ୍ମିକ ବ୍ୟକ୍ତି ହୋଇ ଗଲି | ଆଉ ଯଦି ମନ୍ତ୍ରଦୀକ୍ଷା ହୋଇ ସାରିଛି ତାହାଲେ ଆପଣଙ୍କର ଆଧାତ୍ମିକ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି | ତ ଆପଣ ଯେତେ ଶୁଦ୍ଧ ହୋଇବେ ସେତେ ପରିମାଣରେ ଆପଣ ଆଧାତ୍ମିକ ହୋଇ ପାରିବେ | ଯାହାଙ୍କୁ ବି  ମନ୍ତ୍ରଦୀକ୍ଷା ପ୍ରାପ୍ତ ହୋଇ ସାରିଛି, ତାଙ୍କର ଆଧାତ୍ମିକରଣ କିଛି ପରିମାଣରେ ଆରମ୍ଭ ହୋଇ ସାରିଛି | ଆଉ ଯେତେ ଶୁଦ୍ଧ ହୋଇବେ ସେତେ ମାତ୍ରାରେ ଆପଣଙ୍କର ଶରୀର ବି  ଆଧାତ୍ମିକ ହୋଇ ଯିବେ | ଯୋଉମାନେ 'ଭାବର' ଅବସ୍ଥାରେ ଅଛନ୍ତି , ତାଙ୍କର ଚିତ୍ତ, ମନ - ସବୁ କିଛି ଚିନ୍ମୟ ହୋଉ ଯିବ | ଦୃଷ୍ଟିରେ ତ ସବୁ କିଛି କେବଳ ଶରୀର ଭଳିଆ ଦେଖା ଯାଏ, କିନ୍ତୁ ସବୁ କିଛି ଆଧାତ୍ମିକ ହୋଇ ଯାଏ | ଆମର ଗୁରୁ ମହାରାଜ କେଉଁ ଦୃଷ୍ଟିରୁ ଆଧାତ୍ମିକ ଲାଗୁଛନ୍ତି? ଫୋଟୋରେ ଦେଖନ୍ତୁ! କିନ୍ତୁ ପୂର୍ଣରୂପେଣ ଆଧାତ୍ମିକ! ସେଇ ପ୍ରକାରରେ ଭଗବାନଙ୍କର ଯେ ଶୁଦ୍ଧଭକ୍ତ ହୋଇ ଥାଆନ୍ତି, ଯେ ଭାବର ସ୍ଥରରେ ଅଛନ୍ତି, ସେଇ ମାନେ ପୁର୍ଣଚିନ୍ମୟ ହୁଅନ୍ତି | ପରନ୍ତୁ ଚିତ୍ତ,ମନ, ଦେହ ଦେଖା ଯାଏନା | ଆଉ ଯୋଉ ମାନେ ପ୍ରେମର ଅବସ୍ଥାରେ ଅଛନ୍ତି, ତାଙ୍କର ଏହିଦେହ ବି  ପୂରା ଚିନ୍ମୟ ହୋଇ ଯାଏ |

ତାହାଲେ 'ରାଗେରସମ୍ବନ୍ଧ'- ଏହା ଦ୍ୱିପ୍ରକାରେ ବୁଝା ଯାଏ | ପ୍ରଥମେ ତ ରାଧାରାଣୀ, ଲଲିତାଦି ସଖି, ରୂପମଞ୍ଜରୀ..ଏହାଙ୍କର କଣ ସମ୍ବନ୍ଧ ଶ୍ରୀକୃଷ୍ଣଙ୍କ ସାଙ୍ଗରେ? କେଇମିତିଆ ସମ୍ପର୍କ ଅଟେ? ରୂପ-ରତିଙ୍କର, ଲଲିତା-ବିଶାଖାଙ୍କର, ଆଂକର ସମ୍ବନ୍ଧ କେଇମିତିଆ? 'ରାଗେରସମ୍ବନ୍ଧ' | ଆଉ ତତ୍ପଶ୍ଚାତ ଆମର ଶ୍ରୀକୃଷ୍ଣ, ରାଧାରାଣୀ, ରୂପ-ରାତି-ଆଦି ମଞ୍ଜରୀଙ୍କର ସାଙ୍ଗରେ କେଉଁ ପ୍ରକାରର ସମ୍ବନ୍ଧ? ଏଇଟା ଜାଣିବା ପ୍ରାରମ୍ଭରୁ ହିଁ ଅତି ଆବଶ୍ୟକ | ନହଲେ ରୂପମଞ୍ଜରୀଙ୍କୁ କେଇମିତି ଡାକିବା? ଯେଇମିତି ସେ ଭଜନ ଅଛି ନା- 'ଶ୍ରୀରୂପମଞ୍ଜରୀପଦ' ? ଏହିଭଜନ ତ ହୃଦୟରୁ ଗାଇ ପାରିବା ନାହିଁ, କହି ପାରିବା ନାହିଁ ଯେବେ ପର୍ଯନ୍ତ ଆମେ ଭୁତଶୁଦ୍ଧି କରନ୍ତି ନାହିଁ ! ଯଦି ମୁଁ ମଞ୍ଜରୀ ନୁହେଁ ତାହାଲେ ମୁଁ ରୂପମଞ୍ଜରୀଙ୍କର କଣ କରିବି? କୁହନ୍ତୁ? ପ୍ରଥମେ ମୋତେ ହିଁ ମଞ୍ଜରୀ ହୋଇବକୁ ପଡିବ | ତାହାଲେ ହି ତ ତାଙ୍କୁ ପ୍ରାର୍ଥନା କରିବି- ରୁଦନ... !

ଆମର ଜପ କେଇମିତି ରୁଦନବେଲାରେ ପରିବର୍ତିତ ହୋଇବ?  କାହାପାଇଁ କାନ୍ଦିବା ଆମେ? ମାନି ନିୟନ୍ତୁ ଯେ ଆପଣଙ୍କର ସେବା ନିକୁଞ୍ଜକୁ ଆଲୋକିତ କରିବାର ଅଟେ | କୁଞ୍ଜ ବି ତରେ ଆଲୋକର ସଜ୍ଜାନିର୍ମାଣ ଆପଣଙ୍କର ସେବା ଅଟେ | ତ ଆପଣ ଯେବେ ପ୍ରାର୍ଥନା କରିବେ ଯେ ମୋତେ ନିଜ ସେବାରେ ନଗାଆନ୍ତୁ..ଆପଣ କୁଞ୍ଜରେ ଲୀଳା କରିବେ, ତ ତାକୁ ଆଲୋକିତ କିଏ କରିବ? ମୁଁ କରିବି! ମୋତେ ସେବାରେ ନଗାଆନ୍ତୁ! ମୋତେ ସେବାରେ ନଗାଆନ୍ତୁ! ଯଦି କାହାର ଚନ୍ଦନ-ସେବା ଅଟେ, ସେ କହିବ - 'ଆପଣ ଏବେ ରାସବିଳାସ କରିବେ, ତ ଆପଣଙ୍କୁ ଚନ୍ଦନ ଦରକାର ହୋଇବ..ସେ କିଏ କରିବ? ମୁଁ କରିବି! ଟିକିଏ ଚଲିବ,କିନ୍ତୁ ସେବା ତ ଦିୟନ୍ତୁ!' ତ ଜପ କଲା ବେଳେ ଏହିଆ ଭାବନ୍ତୁ | ତେବେ ହିଁ ହୃଦୟରୁ ଜପ ହୋଇ ପାରିବ | ମୋର ଗୁରୁପ୍ରଦତ୍ତ ସିଦ୍ଧଦେହରେ ମୋର ପ୍ରକୃତି କଣ? ଏଇୟା ଆମକୁ ଜଣା ହୋଇବ ଦରକାର | ଯେଇମିତି ଆପଣ ଗ୍ରଂଥରେ ପଢୁଥିବେ ଯେ ବହୁତଠାରେ, ଶ୍ରୀକୃଷ୍ଣଙ୍କୁ ମଞ୍ଜରୀମାନେ କୁଞ୍ଜରୁ ବୋହୂକୁ ଫଂପାଡି  ଦିୟନ୍ତି | ସମସ୍ତ ମଞ୍ଜରୀମାନେ ବାହାର କରନ୍ତି ନାହିଁ | କିଏ କିଏ ତ ସ୍ୱଭାବରୁ ହି ପ୍ରଖରା ହୁଅନ୍ତି- କ୍ରୋଧୀ, ଉଗ୍ରା ମଞ୍ଜରୀମାନେ | କିଏ ତ ଅତି କୋମଳ ସ୍ୱଭାବର ହୁଅନ୍ତି- ଅତି ମୃଦୁ | ଆଉ କିଏ କିଏ ମଧ୍ୟା- ନ ଅତି ମଧୁର, ନ ଅତି କ୍ରୋଧୀ, କିନ୍ତୁ କେବେ କେବେ ଅତ୍ୟାଧିକ କ୍ରୋଧୀ | ତ ଆମକୁ ନିଜସ୍ୱଭାବ ବିଷୟରେ ଜଣା ହୋଇବା ଦରକାର | ଏହିଜିନ୍ସ ଗୁରୁ ଦିୟନ୍ତି - ନିଜ ଚିନ୍ତନରୁ ଆପଣ ଏକାଦଶଭାବ ଦିୟନ୍ତି | ଏହିକଥା ତ ଜପ ପୂର୍ବରୁ ହି ଅତି ଆବଶ୍ୟକ! ଅର୍ଚନା ଆଉର ଗାୟତ୍ରୀ ପୂର୍ବରୁ ବି ! ଯଦି ଆମେ ଏହା କରୁ ନାହାନ୍ତି ଏବଂ ବର୍ଷ-ବର୍ଷ ଧରି ମାଳା ଧରୁଛନ୍ତି, ତ ଆମେ ସଂଶୟ ରହିତ ହୋଇକିନି ନିଜକୁ ଭୁତ ମାନି ପାରିବା! ଭୁତଶୁଦ୍ଧି କରନ୍ତି ନାହିଁ ତ ଭୁତ ହିଁ ଅଟନ୍ତି! ପାଗଳପନ୍ତିର ଭୁତ ଚଡିଛି |

'ରାଗେରସମ୍ବନ୍ଧ' ଜାଣିବାର ଇଛା ନାହିଁ, ବାସ ଏହିହାଡ଼-ମାଂସର ପୁତଳାଉ..ଏଇ ତିନି-ଚାରି-ପାଞ୍ଚ-ସାତଟା ଲୋକଙ୍କର ନିକଟରେ ରୁହନ୍ତି..ତ ଆଂକରେ ହିଁ ସନ୍ତୁଷ୍ଟ! ତ ଆମେ ବିକାଶ କେଇମିତି କରି ପାରିବା ? ଭୁତଶୁଦ୍ଧି! ଏହିଯୋଉ ଭୁତ ଚଡିଛି ନା- ଏହାର ଶୁଦ୍ଧିକରଣ | ଏହିପଞ୍ଚମହାଭୁତଙ୍କର ଶୁଦ୍ଧି ଅତି ଆବଶ୍ୟକ | ଯାହା ସ୍ୱେପାନ କୁହା ଯାଏ - ଆଦୌ ଶ୍ରଦ୍ଧା, ପୁଣି ସାଧୁସଙ୍ଗ, ପୁଣି ଭଜନକ୍ରିୟା, ଏହା ପରେ..ପ୍ରଥମେ ଭଜନକ୍ରିୟା ପରେ ଅନର୍ଥ-ନିବୃତ୍ତି , ପୁଣି ରୁଚି, ଆସକ୍ତି, ଭାବ, ପ୍ରେମ! ଠିକ ଅଛି? ଯଦି କିଏ କହେ ଯେ ଭାବର ସ୍ଥରେ ଯାଇକିନି ହି ମଞ୍ଜରୀଙ୍କର ନାଁ ନେଇବ...ଆରେ! ଭାବର ସ୍ଥର ପହୁଁଚିବେ କେଇମିତି? ତ ପୂର୍ବରୁ ହି ରୁଚି ହୋଇବା ଦରକାର | କୋଉ ଜିନ୍ସର ହୋଇବ? ଭଗବାନରେ ଆଉ ନିଜରେ...ନିଜ ସ୍ୱରୂପ ଆଡୁକୁ ରୁଚି ଜାଗୃତ ହେଉଛି ତ ଆସକ୍ତି କାହା ପାଇଁ? ଭଗବାନଙ୍କ ସାଙ୍ଗରେ ଆଉ ନିଜସ୍ୱରୂପରେ ଆସକ୍ତି, ଏବେ ତାକୁ ଛାଡି ପାରିବା ନାହିଁ! ରୁଚି, ଆସକ୍ତି, ସ୍ଥାୟୀଭାବ ଆଉ ପୁଣି- ପ୍ରେମ! ଅନ୍ୟଥା ରୁଚିର ପ୍ରାରମ୍ଭ ହୋଇବ ନାହିଁ | ଭଜନକ୍ରିୟା ପାଇଁ ଭୁତଶୁଦ୍ଧିର ଆବଶ୍ୟକତା ଅଛି | ଭୁତଶୁଦ୍ଧି କରି ଯେବେ ଭଜନ କରିବେ, ଭକ୍ତି କରିବେ, ସାଧନା କରିବେ, ତେବେ ହିଁ କାମ-ବାସ୍ନାର ନାଶ ହୋଇବ | ଏହା ନୁହେଁ ଯେ କାମନା-ବାସ୍ନା ଯିବା ପରେ ରାଧାଙ୍କର ନାଁ ନେଇବେ! ନାଇଁ,ନାଇଁ!

ଯେବେ ପର୍ଯନ୍ତ ଆମର କିଛି ମାନ୍ୟତା ହୁଏ ନାହିଁ, ସେପର୍ଯନ୍ତ କଣ ଆମେ ଭୌତିକ ଜୀବନରେ ବି  କିଛି କରିବାରେ ସମର୍ଥ ଅଟନ୍ତି? ଆପଣ ପୁର୍ଣରୂପରେ ମାନନ୍ତି ଯେ ଆପଣ ବିକାସ ଅଟନ୍ତି, ସେଇ ଲାଗି ତ ପ୍ରତିଦିନ କରାଳ-ବାଗ ଯାଆନ୍ତି | ଆଉ ପୁର୍ଣରୂପରେ ମାନୁଛ ଯେ କାହାର ମୁଁ ପତି, କାହାର ପୁତ୍ର..ପୁର୍ଣମାନ୍ୟତା ଅଟେ | ତେବେ ହି ତ ଭୌତିକ ଜଗତରେ କିଛି କାର୍ଯ୍ୟ କରୁଛନ୍ତି | ମାନନ୍ତି ନା? ନହଲେ କ୍ରିୟା କେଇମତି ସାଧିବେ? ମାନି ନିୟନ୍ତୁ ମୁଁ ପାଗଳ ଅଟେ, ମୁଁ ନିଜକୁ କିଛି ମାନେ ନାହିଁ, ତେବେ କାର୍ଯ୍ୟ କେଇମତି କରିବି? ତ କିଛି କାର୍ଯ୍ୟ କରିବା ପାଇଁ ଗୋଟିଏ ବିଶ୍ୱାସ ହୋଇବ ଜରୁରୀ | ତ ଏହିମାୟତ ଏହିଲୋକ ଗଡ଼ିଛନ୍ତି- ମୁଁ ସ୍ତ୍ରୀ, ମୁଁ ମା, ମୁଁ ଝିଅ | ଏହି ଲାଗି ତ କାର୍ଯ୍ୟ ହେଉଛି | ମାନ୍ୟତା ବିନା ଭୌତିକ ଜଗତରେ କିଛି କାର୍ଯ୍ୟ ହୁଏ ନାହିଁ, ତ ଆଧାତ୍ମିକ ଜଗତରେ କେଇମିତି ହୋଇବ? ମୁଁ କିଏ, ଭଗବାନ କିଏ | ପ୍ରାରମ୍ଭରୁ ଦୃଢ଼ ଧାରଣା ହୋଇବା ଦରକାର ଯେ ଭଗବାନ, ଯାହାଙ୍କର ମୁଁ ପୂଜା କରୁଛି, ସେ କିଏ | ଏହା କେବଳ ମହିଳାମାନଙ୍କ ଭାବିବା ବିଷୟ ନୁହେ ଅପିତୁ ପୁରୁଷମାନେ ବି  ଏହା ଉପରେ ବିଚାର କରନ୍ତୁ ଯେ ମୁଁ କାହାର ଉପାସନା କରୁଛି | ସ୍ତ୍ରୀଭାବରେ ହି ଚିନ୍ତନ କରିବାର ଅଛି | ଗୋପୀଭାବରେ!

**ଅତେବ ଗୋପୀଭାବ କରି ଅଂଗୀକାର |**
**ସିଦ୍ଧ ଦେହେ ଚିନ୍ତି କରି ତାହାଇ ସେବନ |**
**ରାତ୍ରିଦିନେ ଚିନ୍ତି କରି ରାଧା-କୃଷ୍ଣର ବିହାର ||**
**ସଖି ଭାବେ ପାଏ ରାଧା-କୃଷ୍ଣେର ଚରଣ || ( ଚୈତନ୍ୟ-ଚରିତାମୃତ ମଧ୍ୟଲୀଳା ୮.୨୨୮,୨୨୯)**

ଏଇଥି ପାଇଁ ଗୋପୀ ଭାବକୁ ଅଙ୍ଗିକାର କରନ୍ତୁ | କେବେ? ପ୍ରାରମ୍ଭରୁ! *'ରାତ୍ରିଦିନେ ଚିନ୍ତି କରି ରାଧା-କୃଷ୍ଣର ବିହାର '*, ରାଧାକୃଷ୍ଣଙ୍କର ଚିନ୍ତନ କରନ୍ତୁ...କେଇମିତି?

**ମନେ ନିଜ ସିଦ୍ଧଦେହ କରିଆ ଭାବନ |**
**ରାତ୍ରିଦିନେ କରେ ବ୍ରଜେ କୃଷ୍ଣେର ସେବନ || ( ଚୈତନ୍ୟ-ଚରିତାମୃତ ମଧ୍ୟଲୀଳା ୨୨.୧୫୭)**

ମନରୁ ଚିନ୍ତନ କରନ୍ତୁ | କେଇମିତି? '*ମନେ ନିଜ ସିଦ୍ଧଦେହ* ' | ଏହା କୁହ ଯାଇନି ଯେ ନିଜକୁ ମଞ୍ଜରୀ ମାନି ନିଅନ୍ତୁ କେବଳ, ନା! ନିଜ ମାନେ ନିଜର ସିଦ୍ଧଦେହ | ନିଜର କେଉଁ ? ଯାହା ଗୁରୁ ପ୍ରଦତ୍ତ | ଏଇୟା ଏକାଦଶଭାବ, ସିଦ୍ଧପ୍ରଣାଳୀ | 'ମନେ ନିଜ ସିଦ୍ଧଦେହ କରିଆ ଭାବନ', ଏହି ଭାବନାରେ ରାତ୍ରି-ଦିନ ଚିନ୍ତନ କରିବାର ଅଛି | ଅଷ୍ଟକାଳୀୟଲୀଳାର ଚିନ୍ତନ କରିବା ଦରକାର | ଆପଣ କୁହନ୍ତି ଯଦି ଆମେ କାହା ସାଙ୍ଗରେ involved ହୋଇ ନାହାନ୍ତି, କଣ ଆମେ ତାଙ୍କର କାହାଣୀର ସ୍ମରଣ କରି ପାରିବା? କାହାଣୀଚିନ୍ତନ ଛାଡ଼ନ୍ତୁ, କାହାର କଥା ବି ଭାବି ପାରିବା ଯଦି ଆପଣ ତାସାଙ୍ଗରେ involved ନୁହନ୍ତି? ତ ଆମକୁ ଆମର ସିଦ୍ଧଦେହ କେବେଠୁଁ ଦରକାର? ସିଦ୍ଧସ୍ୱରୂପ, କୁହନ୍ତୁ? ପ୍ରାରମ୍ଭରୁ | 'ରାତ୍ରିଦିନେ ଚିନ୍ତି କରି ରାଧା-କୃଷ୍ଣର ବିହାର'..କେଇମିତି କରିବା ଭାଇ ଆଉ କାହିଁକି କରିବା? କାହିଁକି ଭାଇ, ମୋତେ କଣ ପ୍ରାପ୍ତ ହୋଇବ? ହଁ ଆପଣଙ୍କର ସେବା ଅଛି, ସେବା କରନ୍ତୁ, ମାନସିକ ସେବା କରନ୍ତୁ |

ଆଠ ପ୍ରକାରର ମୂର୍ତି ହୁଅନ୍ତି,ତାଧରେ ଗୋଟେଇ ପ୍ରକାର ବିଗ୍ରହ ଅଟେ | ଆଠପ୍ରକାର ମୂର୍ତିରେ ମନମୟୀ ମୂର୍ତି ବି ଆସେ | ଶ୍ରିମତଭାଗବତର ଏଗାରହ ସ୍କଂଦରେ କୁହା ଯାଇଛି ଯେ ଆଠ ପ୍ରକାରର ମୂର୍ତି ହୁଅନ୍ତି, ଆଉ ତାଧେରେ ମନମୟୀ ମୂର୍ତି ବି ଅଟେ, ଆଉ ଆମକୁ ଶ୍ୟାମସୁନ୍ଦରଙ୍କର ଏଇମିତିୟା ମୂର୍ତିର ନିର୍ମାଣ କରିବାର ଅଛି ଯେ ରାଧାରାଣୀ ପାଇଁ କାନ୍ଦୁଛନ୍ତି - 'ରାଧିକେ! ତୁମି କାହିଁକି ଆସ ନାହୋ? କାହିଁକି ସେ ଆସୁନାହାନ୍ତି? ମୋଠାରୁ ରୁଷ୍ଟ ହୋଇ ଯାଇଛନ୍ତି କି?' ଆଉ ମୁଁ ତାଙ୍କସାଙ୍ଗରେ ଛିଡା ହୋଇଛି ଆଉ କହୁଛି- 'ହେ ଶ୍ୟାମସୁନ୍ଦର! ଆପଣ ଚିନ୍ତା କରନ୍ତୁ ନାହିଁ! ମୁଁ ଆପଣଙ୍କୁ ରାଧାରାଣୀଙ୍କ ପାଖକୁ ନେଇକିନି ଯିବି!' ଏହି ପ୍ରକାରରେ ଆମେ ମନୋମୟ ମୂର୍ତିର, ବାସ୍ନାମୟ ମୂର୍ତିର ଚିନ୍ତନ କରନ୍ତି | ଆଉ ତା ସାଙ୍ଗରେ କଣ କରୁଛନ୍ତି? ସେବା! ଚିନ୍ତନ କରୀକିନି କଣ ଲାଭ? ଭକ୍ତି କେଉଁ ଧାତୁରୁ ଉଭତ? ଭଜ ଧାତୁ | ଭଜ ମାନେ 'ସେବା' | ତ ଆମକୁ ଚିନ୍ତନ କରିବାର ଅଛି..ସେବାର ଅଭିଳାଷକୁ ରଖିକିନି | ଆମକୁ ସତତ ଚିନ୍ତନରେ ସେବା କରିବା ଦରକାର |

ଏବେ ପ୍ରଶ୍ନ ଏଇୟା ଯେ ରାଧା-କୃଷ୍ଣ କୋଉଠି ଅଛନ୍ତି ଆଉ ମୁଁ ତାଙ୍କର କଣ ସେବା କରି ପାରିବି | କେବଳ ଏହିପ୍ରଶ୍ନ ମହତ୍ତ୍ୱପୁର୍ଣ ଅଟେ | ନିଜକୁ ସର୍ବଦା ଏହିପ୍ରଶ୍ନ ପଚାରନ୍ତୁ | କେଉଁ ବେଳା ଏବେ? ରାତ୍ରି ଦିଇଟା | ସେ ସୋଇ ନାହାନ୍ତି...ତ କୋଉଠି ଥିବେ? ଗୋବିନ୍ଦସ୍ଥଳୀରେ! ସେ ମଧୁପାନୀୟ ଗ୍ରହଣ କରୁଛନ୍ତି | ଠିକ ଅଛି, ମୋର ସେବା କଣ? ଚାଲ, ମୁଁ ସୁଆଶିତ ଶର୍ବତର ସେବା କରିବି | ଯଦି ଏବେ ବିଳାସ ହୋଇ ସାରିଛି ତ ମୁଁ ଗୋଟେଇ ନୂଆ ମାଳା ଗୁନ୍ଥି ଦିଏ! ଯୋଉ ସେବା ଦିୟା ଯାଇଛି ସେଥିରେ ମନନ କରନ୍ତୁ | ଲୀଳାର ଚିନ୍ତନ ଗୁଟିକା ଆଉ ଭାବନାସାରସଂଗ୍ରହ ଅନୁସାରେ ତ ହେଉଁଛି ହିଁ, ସାଥିରେ ନିଜସେବା ଚିନ୍ତନ ବି କରନ୍ତୁ | 'ସେବା ସଦା କରିଆ ଅଭିଳାଷ', ସେବାର ଅଭିଳାଷା ସଦେବ ରଖିବା ଦରକାର | ଅକ୍ଷରମାତ୍ର ଉଚ୍ଚାରଣର ଅଭ୍ୟସ୍ତ ହୁଅନ୍ତୁ ନାହିଁ - ହରେ କୃଷ୍ଣ, ହରେ କୃଷ୍ଣ | ଏହିଲାଗି ତ ଥକି ଯାଆନ୍ତି ଜପ

କରୀକିନି | କିନ୍ତୁ ଯେବେ ଲୀଳା-ଚିନ୍ତନ ସାଙ୍ଗରେ ଜପ କରିବେ ତ ଅଢେଇ-ତିନି ମିଂଟିରେ ରସମୟ ଜପ ଆରମ୍ଭ ହୋଇ ଯାଏ | ଗୋଟିଏ ହୁଏ ଶୁଷ୍କଜପ, ବିଲକୁଲ ଆମର ହୃଦୟ ପରି | ଆଉ ଗୋଟିଏ ହୋଏ ରସମୟଜପ!

କୃଷ୍ଣ ରସସ୍ୱରୂପ ଭବନ୍ତି, ଏଇଥି ଲାଗି ତାଙ୍କର ସବୁ ଜିନ୍ସ ରସମୟ ହୋଇ ଥାଏ | ବାସ୍ତବରେ ଭକ୍ତିତ ଆରମ୍ଭରୁ ହିଁ ରସମୟ ଅଟେ, ଆନନ୍ଦପରିପୂର୍ଣ ଅଟେ, ଆରମ୍ଭରୁ ହି...ଆମକୁ ଏହିକଥା ବିଚିତ୍ର ଦିଶୁ ଥିବ | କିନ୍ତୁ ଯଦି ସହି ଭାବରେ କରିବେ ତ ଆପଣଙ୍କୁ ପ୍ରାରମ୍ଭରୁ ହିଁ ଭକ୍ତି ରସମୟ ଲାଗିବ...ଯଦି ବିଧିପୂର୍ବକ କରନ୍ତି ତ | କଣ ଆଖୁ କେବଳ ଅନ୍ତରେ ମିଠା ଲାଗେ? ସେ ଆରମ୍ଭରୁ ମିଠା ଲାଗି ଥାଏ | ମିଶ୍ରି ଅଛି, କୋୈଠାରୁ ବି  ଖାଆନ୍ତୁ, ମିଠା ହି ଲାଗିବ | ଯଦି ଆମେ ଠିକ ଉପାୟରେ ଖାଇବା ତ...ଯଦି କାଗଜରେ ବାନ୍ଧି ଦେବା ତ ପୁରା-ପୁରା ଶୁଷ୍କ ହିଁ ଲାଗିବ ନା?

ଆମେ ଜପ କେଇମିତି କରି ପାରିବା ଯଦି ଆମକୁ ଆମର ସ୍ୱରୂପର ଭାନ ନାହିଁ, ଶ୍ରୀକୃଷ୍ଣଙ୍କର ସ୍ୱରୂପର ଭାନ ନାହିଁ? ଭାନ ମାନେ ଜାଗୃକ୍ତା,awareness. ଜାଗୃକ୍ତା ବି  ନୁହେଁ, ସ୍ୱଷ୍ଟତା.. clarity! 'ହେ କୃଷ୍ଣ,ମୋ ବିନା ଆପଣଙ୍କର ସେବା ଅପୂର୍ଣ ରହିବ, ତ ଦୟା କରୀକିନି ମୋତେ ନିଜ ସେବାରେ ନଗାଆନ୍ତୁ | ମୁଁ ଆପଣଙ୍କର ଲୀଳାର ଅବିଚ୍ଛେଦ୍ୟ ଅଙ୍ଗ ଅଟେ! କାହିଁକି ନା ଆପଣଙ୍କର ଗୋଟିଏ ଶ୍ରୀମଞ୍ଜରୀ ମୋତେ ବି  ଗୋଟିଏ ମଞ୍ଜରୀ ବନେଇ ଦେଇଛି, ମୋର ଗୁରୁମଞ୍ଜରୀ ମୋତେ ଏହିସ୍ୱରୂପ ପ୍ରଦାନ କରିଛନ୍ତି | ତ କୃପାକରୀକିନି ଆପଣ ବି  ମୋ ଉପରେ ଦୟା କରନ୍ତୁ |' ହେ ରାଧିକେ ! ମୁଁ ଜାଣେ ଯେ ମୁଁ ଅଧମ, ଅଯୋଗ୍ୟ, ଅପରିପକ୍ୱ ଅଟେ, କିନ୍ତୁ ମୋ ଉପରେ ଦୟା କରନ୍ତୁ!

ମୁଁ ମୋର ଗୁରୁଦେବଙ୍କୁ ଜଣେଇଲି ଯେ, "ଗୁରୁଦେବ! କିଛି ଲୋକ କୁହନ୍ତି ଯେ ଆମର ସମ୍ପ୍ରଦାୟରେ ସବୁରସ ପ୍ରଦାନ ହୋଇ ଥାଏ |" ବାବାଜୀ କୁହନ୍ତି, ଗୁରୁମହାରାଜ କୁହାନନ୍ତି ଯେ, "ବଣିକର ଦୋକାନରେ ସବୁ କିଛି ମିଳି ଥାଏ |" ପରମ୍ପରାରେ କେବଳ ଗୋଟେଇ ଜିନ୍ସ ମିଳି ଥାଏ...କୋଉ ଜିନ୍ସର ପରମ୍ପରା? ଭାବର ପରମ୍ପରା, ଗୋଟେଇ ଭାବର! ଆମେ ଏଇଠି କାହାକୁ ଗୋଡେଇକିନି ଆସୁଛନ୍ତି? ମଞ୍ଜରୀଭାବକୁ! ଏହିପ୍ରକାରରେ ସଖାଭାବର ପରମ୍ପରା ହୋଇ ଥାଏ, ଗୋପୀଭାବର ପରମ୍ପରା ହୋଇ ଥାଏ ଆଉ ମଞ୍ଜରିଭାବର ପରମ୍ପରା ହୋଇ ଥାଏ | ତ ପରମ୍ପରା ଗୋଟେଇ ଭାବର ହୋଇ ଥାଏ | ଖିଚୁଡ଼ି ହୁଏ ନାହିଁ ପରମ୍ପରା, ମିଶ୍ରିତ ଶର୍ବତ ହୁଏ ନାହିଁ ପରମ୍ପରା! ପରମ୍ପରା ମାନେ ପର-ପର-ପର, ଯାହା ମୋ ଗୁରୁଦେବଙ୍କର ଭାବ ଅଟେ ସେଇୟା ତାଙ୍କ ଗୁରୁଦେବଙ୍କର ବି  ହୁଏ ଆଉ ସେଇୟା ତାଙ୍କ ଗୁରୁବରଙ୍କର ହୋଇ ଥାଏ, ଆଉ ଏଇୟା ସିଧା ଭଗବାନଙ୍କ ପର୍ଯନ୍ତ ଯାଇଛି! ତ ଯୋଉଠି ସଭିଙ୍କର ଗୋଟେଇ ଭାବ ହୁଏ ତାକୁ ପରମ୍ପରା କୁହା ଯାଇ ଥାଏ |

ଆମକୁ ଆମର ସବୁ ଚେତନା ଯାହା ଭୁତ, ଏହିପଞ୍ଚମହାଭୂତରେ ନଗେଇଛନ୍ତି, ତାକୁ କାଢ଼ିକିନି ନିଜ ଗୁରୁପ୍ରଦତ୍ତ ସିଦ୍ଧଦେହରେ ଡ଼ାଲିବାର ଅଛି, ଏଇୟା ସବୁ ଖେଳ ଅଟେ | ଏୟା ତ ଆଧାତ୍ମିକକ୍ରୀଡା, ଏଇଠାରୁ କଢ଼ିକିନି ସେଇଠି ଡ଼ାଲନ୍ତୁ | ଆମର ଆତ୍ମଭାବ ଦ୍ୱିତା ନା | ଯେଇମିତି ମାନି ନିୟନ୍ତୁ ଏହିତରୁଣ, ଏବେ ତରୁଣରୁ ସବୁ ଚେତନା କାଢିକିନି ତୁଳସୀ ଦାସରେ ଡ଼ାଲିବାର ଅଛି | ସମ୍ପୂର୍ଣ! ଏଇଠାରୁ ନେଇକିନି ସେଇଠାରେ ରଖନ୍ତୁ, ଏଇୟା ହି ସବୁ କ୍ରୀଡା ଅଟେ! ଏହିମାନ୍ୟତା ଭାଙ୍ଗିବାର ଅଛି ଯେ ମୁଁ ତରୁଣ ଅଟେ ଅଥବା ଅନ୍ୟ କିଛି..କଣ ଏଇଟା କଷ୍ଟଦାୟୀ? ମନରେ ଭାବୁ ଥିବେ- ଏତେ ସହଜ କାର୍ଯ୍ୟ ନୁହେଁ! ଏଇମିତି ଭାବିବେ ତ କଣ ହୋଇବ? କାର୍ଯ୍ୟ କେବଳ କଠିନ ହୋଇ ଯିବ | ଏହିଭାବନା କୋଉଠି ଆସିଥିଲା? ଏଇଠାରୁ- ଏହିମନରୁ! ତ କଣ ହୋଇ ଗଲା? ଏଇଟା ଅତି ସହଜ, ବହୁତ ସହଜ...ଅନ୍ତତୋଗତବା ସବୁ କିଛି ଏହିମନ ଉପରେ ହି ଆଶ୍ରିତ ଅଟେ...କଠିନ କୋଉଠି? ଏଇଠି (ମନରେ) | ସହଜ କୋଉଠି? ପୁଣି ଏଇଠି! ଯୋଉ କଥା କହିବେ ସେଇ କଥା ବାରମ୍ବାର ମନକୁ ଆସିବ | ବହୁତ କଠିନ, ଅତି କଠିନ, ସୁଦୁର୍ଲଭ ! କିନ୍ତୁ ଯେବେ ସାଧୁସାଙ୍ଗ ପ୍ରାପ୍ତ ହୋଇବ, ଆଉ ଆପଣ ତାଙ୍କୁ କରିବାର ଦେଖିବେ, ତ ସହଜ ହୋଇ ଯିବ | ସହି ସାଧୁସଙ୍ଗ,  correct ସାଧୁସଙ୍ଗ | ହଁ ବହୁତ ସହଜ...କିଛି ବି  ତ କରିବାର ନାହିଁ |

ଆଉ ମାନସସେବା ତ ପଛରେ ହୋଇବ, ପ୍ରଥମେ ତ ଭୁତଶୁଦ୍ଧି ହୋଇବ- ଭୁତ, ପଞ୍ଚମହାଭୁତର ଶୁଦ୍ଧି କରିବାର ଅଛି | ପ୍ରଥମେ ସ୍ଥୁଳଶରୀରରୁ ଠିକଭାବରେ ସେବା ହୋଇବ, ଆଉ ପୁଣି ହୋଇବ ମାନସ ସେବା | ସ୍ଥୁଳଶରୀରକୁ ପ୍ରଥମେ ସିଦ୍ଧଦେହର ଭାବନା କରେଇବାର ଅଛି, ପୁଣି ଅର୍ଚ୍ଚନ, ପୁଣି ଜପ..ସୁଅନ୍ତୁ ବି  ଏଇମିତି, ଉଠାନ୍ତୁ ବି  ଏଇମିତି..ଯେତେ ହୋଇ ପରେ ନିଜ ସିଦ୍ଧସ୍ୱରୂପରେ ହି ସ୍ଥିତ ରୁହନ୍ତୁ, ଏହିଭୁତରେ ଆସନ୍ତୁ ନାହିଁ!

ଯେବେ ପ୍ରେତ ଚଡି ଥାଏ ତ କେଇମିତିଆ କାର୍ଯ୍ୟ କରନ୍ତି? ଅସ୍ୱଭାବିକ କାର୍ଯ୍ୟ! ଏବେ ଏଇମିତିୟା କୋଉ କାର୍ଯ୍ୟ ଆପଣ କରୁଛନ୍ତି ଯାହା ଆପଣଙ୍କର ମଞ୍ଜରୀସ୍ୱରୂପର ଅନୁଭୁତ ଆଉ ଅନୁସାର? ଗୋଟେଇ ବି  ନୁହେଁ! ତ ସବୁ କାର୍ଯ୍ୟ କେଇମିତିଆ ଅଟନ୍ତି? ଅସ୍ୱଭାବିକ...ସ୍ୱଭାବରୁ ବିପରୀତ | ଭୁତ ଚଡିଛି ନା! ଏଇଥି ପାଇଁ ଭୁତର ଶୁଦ୍ଧି କରିବାର ଅଛି | ଭୁତ ଶୁଦ୍ଧି, ଭୁତ ଶୁଦ୍ଧି, ଭୁତ ଶୁଦ୍ଧି! ଏହିବାସ୍ତବିକ ଅହଂକାରକୁ ଗଢିବାର ଅଛି | କେଉଁ ବାସ୍ତବିକ ଅହଂକାର? ଯେ ମୁଁ ମହାପ୍ରଭୁଙ୍କର ଦାସ ଅଟେ, ମୁଁ ଗୁରୁବର୍ଗଙ୍କର ଦାସ ଅଟେ, ମୁଁ ନିଜ ଗୁରୁଦେବଙ୍କର ଦାସ ଅଟେ, ମୁଁ ବୈଷ୍ଣବଙ୍କର ଦାସ ଅଟେ! ଯଦି ଅହଂକାରକୁ ପୁଷ୍ଟ କରିବାକୁ ଚାହାନ୍ତି, ତ ମନଭରିକିନି କରନ୍ତୁ! ସେ କୁହନ୍ତି ନା ଯେ ଅହଂକାରକୁ କମ କରନ୍ତୁ? ନା, ଅପିତୁ ଏହାର ବର୍ଦ୍ଧନ କରନ୍ତୁ | କିଏ କହେ ଯେ ଅହଂକାରକୁ ସମାପ୍ତ କରିବାର ଅଛି? ଯେତେ ବଢ଼େଇ ପାରୁଛନ୍ତି ବଢ଼ାନ୍ତୁ, କିନ୍ତୁ ଠିକ ଦିଶାରେ |

**ମୁଁ ମହାପ୍ରଭୁଙ୍କର ଦାସ ଅଟେ!**
**ମୁଁ ଜାହ୍ନବା ମାତାର ପରମ୍ପରାରେ ଅଟେ!**
**ମୁଁ ନିତ୍ୟାନନ୍ଦ ପରିବାରରେ ଆଛେ!**
**ମୁଁ ବୈଷ୍ଣବଙ୍କର ଦାସ ଅଟେ!**

ଅହଂକାରର ବର୍ଦ୍ଧନ କରି ଚାଲନ୍ତୁ, କିଏ ନିଷେଧ କରୁଛନ୍ତି? ବାସ୍ତବିକ ଅହଂକାରକୁ ଗଢିବାର ଅଛି | ଏଇୟାକୁ ବାସ୍ତବିକ ଅହଂକାର କୁହା ଯାଏ | ଶୁଣିଥିବେ ଅନେକ ଥର, କିନ୍ତୁ ଆଜି ଜଣା ପଡିଲା! ଏଇୟା ଯଥାର୍ଥରେ ଆପଣଙ୍କର ଅହଂକାର- ମୁଁ ରାଧାରାଣୀଙ୍କର ଦାସୀ ଅଟେ, ଅତି ମଧୁର ପ୍ରକୃତିର, ଅତି ସୁନ୍ଦର ଅଟେ! ଏହିଭାବର ଚିନ୍ତନ କରିବାର ଅଛି |

**ଅତେବ ଗୋପୀଭାବ କରି ଅଂଗୀକାର |**
**ରାତ୍ରିଦିନେ ଚିନ୍ତି କରି ରାଧା-କୃଷ୍ଣର ବିହାର ||**
**ସିଦ୍ଧ ଦେହେ ଚିନ୍ତି କରି ତାହାଇ ସେବନ |**
**ସଖି ଭାବେ ପାଏ ରାଧା-କୃଷ୍ଣେର ଚରଣ || ( ଚୈତନ୍ୟ-ଚରିତାମୃତ ମଧ୍ୟଲୀଳା ୮.୨୨୮,୨୨୯)**

ସିଦ୍ଧଦେହରେ ଚିନ୍ତନ କରନ୍ତୁ, ସେବନ କରନ୍ତୁ , ପୁଣି କଣ ହୋଇବ? ' *ସଖି ଭାବେ ପାଏ ରାଧା-କୃଷ୍ଣେର ଚରଣ* '..ଯେ ସଖିମାନଙ୍କର ଭାବ ସାଙ୍ଗେ ଚିନ୍ତନ କରନ୍ତି ତାଙ୍କୁ କଣ ମିଳି ଥାଏ? 'ରାଧାକୃଷ୍ଣେର ଚରଣ!' କେବଳ ତାକୁ ହି ମିଳିବ | ଯେ ସଖିଭାବରେ ଚିନ୍ତନ କରନ୍ତି ନାହିଁ, ଜପ କରନ୍ତି ନାହିଁ, ତାଙ୍କୁ କଣ ମିଳି ଥାଏ? ଯାହା କରି ଥିଲେ ସେଇୟା ମିଳିବ | ଆଜୀବନ ବିଭ୍ରାନ୍ତି ପାଳିଛନ୍ତି ତ ଅନ୍ତରେ କଣ ମିଳିବ? ଅରାଜକତା...simple!

ଆମେ କୁହନ୍ତି ଯେ "ଭାଇ! ଆମେ ରୂପାନୁଗ ଅଟନ୍ତି |" ଆଚ୍ଛା? ଗୋଟେଇ ବ୍ୟକ୍ତି ହୋଇଲେ ରୂପଗୋସେଇଁ ଆଉ ସେ କହୁଛନ୍ତି, "ଭ୍ରାତା! ଭୁତଶୁଦ୍ଧି ବିନା ନିଷ୍ଫଳା ସର୍ବକାର୍ଯ୍ୟ" ତ କଣ ଆପଣ ଭୁତଶୁଦ୍ଧି କରନ୍ତି? "ନାହିଁ.." ସେ କୁହନ୍ତି - "ଚାରି ଗୁରୁମାନେ ଜଣା?" କାହଁନ୍ତି - "ଆମକୁ

ଜଣା ନୁହେଁ |" ଆଛା, "ଆଉ ସିଦ୍ଧଦେହର ଭାବନା କରନ୍ତି?" "ନାହିଁ, ଆମେ କରନ୍ତି ନାହିଁ", "କେଇ ସିଦ୍ଧଦେହ ପ୍ରଦାନ କରି ପାରିବେ?" "ନା, ଆମର ଏଇଠି କିଏ ବି  ଦେଇ ପାରିବ ନାହିଁ |" ତ ଆପଣ ରୁପାନୁଗ କେଇମିତି ହୋଇ ଗଲେ? ମାତ୍ର କଥାରୁ? କାଲି ଯଦି ଆପଣ କହିବେ ଯେ ମୁଁ ବିଲ ଗେଟ୍ସ ଅଟେ, ତ କଣ ଆମେ ମାନି ନେବା? ବୋଲି ଦେଇଲେ କିଛି ହୋଇ ଯାଏ? Actions speak louder than words...କାର୍ଯ୍ୟକଳାପ କଥାଠାରୁ ଉଚ୍ଚ କୁହନ୍ତି...ଏଇ ରୂପଗୋସେଇଁଙ୍କର ଅନୁସାରେ ଭକ୍ତି କରିବା? କହିକିନି ଯଦି କାର୍ଯ୍ୟସିଦ୍ଧି ହୋଇ ଯାଇଥାଆନ୍ତା ତ କଣ ହି କଥା ହୋଇଥାନ୍ତା! ତେବେ ତ କିଏ ବି  ଦୋକାନ ଯାଇ ନ ଥାଆନ୍ତା...ଆଜ୍ଞା, ମୁଁ ବିଲ ଗେଟ୍ସ ଅଟେ, ଅରବପତି ଅଟେ...ଠିକ ଅଛି, ଘରେ ବସିକିନି ରୁହନ୍ତୁ, ପୁଣି ପରିଣାମ ଦେଖନ୍ତୁ! ଖାଇବା ପାଇଁ ଅନ୍ନ ବି  ପ୍ରାପ୍ତ ହୋଇବ ନାହିଁ | ଲୋକମାନେ ଭକ୍ତି କାହିଁକି ଛାଡି ଦିଅନ୍ତି? କାହିଁକିନା ଜୀବନ ଶୁଷ୍କ ହୋଇ ଯାୟୀ ଥାଏ ଆଉ କିଛି ବି  ପ୍ରାପ୍ତ ହୋଇ ନ ଥାଏ..ଭକ୍ତି ବି  କ୍ରୀଯାନବୟନ ଯେଇମିତିଆ ଲାଗିଥାଏ | ଏତେ ଶୁଷ୍କ ହୋଇ ଯାଇ ଥାଏ, ଆପଣ ଚେହରା ଦେଖନ୍ତୁ...

ଆମର ଯେଉଁ ମାର୍ଗ ଅଟେ - ମଞ୍ଜରୀଭାବର ସାଧନା ଅଥବା ମହାପ୍ରଭୁଙ୍କର ଆନୁଗତ୍ୟ - ସେ ତ୍ୟାଗର ମାର୍ଗ ବା ବୈରାଗ୍ୟର? ଆମେ ନିଜକୁ ଭଗବାନଙ୍କର ଦାସ ମାନନ୍ତୁ ନାହିଁ, ବନାନ୍ତୁ ! ଏଇଥିପାଇଁ ଦୀକ୍ଷା ମିଳିବା ଶ୍ୱାସ ନେଇବା ଠାରୁ ବି  ଅଧିକ ମହତ୍ତ୍ୱପୁର୍ଣ ଅଟେ! କାହିଁକି? ଆରେ, କିଛି ସମ୍ବନ୍ଧ ହି ନାହିଁ ଦୀକ୍ଷା ଅଭାବରେ | ମନ୍ତ୍ର ଦ୍ୱାରା ହି ତ ଭଗବାନଙ୍କ ସାଙ୍ଗରେ ସମ୍ବନ୍ଧ ସ୍ଥାପିତ କର ଯାଏ | ସ୍ୱରୂପଶକ୍ତିର ବୃତ୍ତି ଭଗବାନଙ୍କଠାରୁ ଗୁରୁପରମ୍ପରାରେ  ପ୍ରବାହିତ ହୋଇକିନି ଶ୍ରୀଗୁରୁଦେବଙ୍କୁ ଆମର ହୃଦୟରେ ସମ୍ପ୍ରଦାୟ-ମନ୍ତ୍ର ଦ୍ୱାରା ଆସିଥାଏ | ଯେବେ ଆମକୁ ସଦପରମ୍ପରା ଦ୍ୱାରା ଦୀକ୍ଷା ଆଉ ସିଦ୍ଧଦେହ ମିଳିବ, ତ ଆମକୁ ବୈରାଗ୍ୟ କେଇମିତି ହୋଇବ? କୁହନ୍ତି ଯେ - " ମୋତେ ବୈରାଗ୍ୟ ପ୍ରାପ୍ତ ହୋଉ ନାହିଁ.." ଆରେ, ଠିକ ଜାଗାରେ ନଗେଇ ନାହାନ୍ତି, ତ ବୈରାଗ୍ୟ କୋଁଠାରୁ ଆଉର କାହିଁକି ଆସିବ? କୁହନ୍ତି ଯେ- "ମୁଁ ଏଇଠାରୁ ଗୋଟେଇ କଦମ ଉଠେଇ ପାରୁ ନାହିଁ!" ଆପଣ ଆଗୁକୁ ଚାଲୁଛନ୍ତି? "ନା, ସେଇୟା ବି  ନୁହେଁ" ହଁ, ତ କେଇମିତି ପାଦ ଆଗକୁ ଉଠେଇବେ? ମୋର ଦୃଷ୍ଟିକୋଣକୁ ଦେଖି ପାରୁଛନ୍ତି? " You know I'm struck up here...ମୁଁ ଏହିଠି ଫସି ଯାଇଛି " ମୁଁ ଜାଣିଛି, ଠିକ ଅଛି, ତାହାଲେ ଆପଣ ସେଇଠି କାହିଁକି ଚାଲୁ ନାହାନ୍ତି? "କୋଉଠି? ମୋତେ ଜଣା ନାହିଁ..!" ସିଦ୍ଧଦେହ, ସିଦ୍ଧଦେହରେ ଯାଆନ୍ତୁ!



ଯେବେ ଆମେ ନିଜର ସବୁ ଚେତନା ସ୍ଥୁଳଦେହରୁ ସିଦ୍ଧଦେହରେ ସ୍ଥାନାଂତରଣ କରିବା, ତେବେ ସ୍ୱତଃ ହି ସ୍ତ୍ରୀ-ଛୁଆ-ସ୍ୱାମୀ, ଏହିଭୌତିକ ଜଗତରୁ ବୈରାଗ୍ୟ ମିଳି ଯିବ | କିନ୍ତୁ ଯଦି ସିଦ୍ଧଦେହରେ ଚେତନା ନଗେଇବେ ତ, ଅନ୍ୟଥା ବୈରାଗ୍ୟ ହୋଇବା ଅସମ୍ଭବ ଅଟେ | ଅସମ୍ଭବ! କହି ଦେଲେ ଆସିବ ନାହିଁ | ଆଉ ଯଦି ଆମେ ଅଜ୍ଞାନରେ ରୁହନ୍ତି ତ ଆମେ ଭାବି ଥାଆନ୍ତି ଯେ ବୈରାଗ୍ୟ ମାନେ ରୂଖା-ସୁଖା ଜୀବନ | ନିଃସାର ଜୀବନକୁ ବୈରାଗ୍ୟ କୁହନ୍ତି ନାହିଁ | ବୈରାଗ୍ୟର ଅର୍ଥ- ରସମୟ ଜୀବନ, ରସମୟ! ବୈରାଗ୍ୟ କାହାଠାରୁ? ଦୁଃଖରୁ! ଦୁଃଖର ସଂଦୂକ କଣ? ପଞ୍ଚମହାଭୁତର ଦେହ! ଏଇୟା ହି ତ ଦୁଃଖର ସଂଦୂକ ଅଟେ! ଏହାଠାରୁ ବୈରାଗ୍ୟ... ଆଉ ରୁଚି, ଆସକ୍ତି କୋଉଥିରେ? ନିଜ ସିଦ୍ଧଦେହରେ | ତ ଜୀବନ କେଇମିତିଆ ହୋଇବ? କେଇମିତିଆ? ରସମୟ ଜୀବନ | ଲୋକ ମାନନ୍ତି ଯେ ବୈରାଗ୍ୟ ମାନେ ଶୁଷ୍କ ଜୀବନ.."ଆରେ, ଆକୁ ବି  ଛାଡି ଦିଅ.." | ଆପଣ ଏଇଟା କାହିଁକି ଦେଖନ୍ତି ନାହିଁ ଯେ କେତେ ସୁନ୍ଦର-ସୁନ୍ଦର ଜୀନ୍ସକୁ ଧାରଣ କରୁଛନ୍ତି? ସେ କୁହନ୍ତି- "ଦାଦା! ଆପଣ ସେଇ ଭବନକୁ ଚାଲି ଯାଆନ୍ତୁ |" ଆଉ ଉତ୍ତର କଣ ମିଳିଥାଏ? "ମୁଁ ନିଜ ଝୁଗିକୁ କାହିଁକି ଛାଡ଼ିବି? ମୁଁ ମୋର ଗନ୍ଧ ଜାଗାକୁ କାହିଁକି ଛାଡି ଦେବୀ?" ଆରେ ଏହିକଥା ସେ ପରି ହି | ଅକାରଣରେ ହି ଫାଲତୁ ଜିନ୍ସ ପାଇଁ ଅନାବଶ୍ୟକ ମମତା...Unnecessary! ଏଇଥିରେ କିଛି ବି  ତର୍କସମ୍ମତି ନାହିଁ!

ଆମର ଏହିବିଚାର ସବୁ, ନ ଏହାଙ୍କର କିଏ ମା ନା ବାପ | ଏ ସବୁ ମନରେ ପ୍ରକଟିତ ହୋଇକିନି ଆମକୁ ସମ୍ପୂର୍ଣଭାବରେ ବିଧ୍ୱଂଶ କରି ଦିୟନ୍ତି | ବିଚାର ହି ତ ଆଦେଶ କରନ୍ତି ଯେ ମୁଁ କାହାର ପତି, କାହାର ଭାଇ, କାହାର ସଖା..ଆଉ ଏହିକେବଳ ବିଚାର ଅଟେ ଯେ ମୁଁ ରାଧାରାଣୀଙ୍କର ଦାସୀ ଅଟେ | କୁହନ୍ତୁ, ଆପଣ କଣ ହି କରିଲେ! କିଛି ବି  କରିଲେ ନାହିଁ! ଆଉ ଆପଣ ଅରବପତି ହୋଇ ଗଲେ | କିଛି ବି

କରିବାର ନାହିଁ - ମାନସ ସେବା! ମାନସ ସେବା ପାଇଁ ଭୁତଶୁଦ୍ଧି, ଭୁତଶୁଦ୍ଧି ପାଇଁ ସିଦ୍ଧପ୍ରଣାଳୀ ଆଉ ସିଦ୍ଧପ୍ରଣାଳୀ ପାଇଁ ଦୀକ୍ଷା | ଦୀକ୍ଷା ମିଳିବ ନାହିଁ ତ ଆମର ଆଧ୍ୟାତ୍ମିକ ଜୀବନ ରହିବ ସଦା ରିକ୍ଷା..!

ଆପଣ ବିଚାର କରନ୍ତୁ- ଯେବେ ଗୋଟେଇ ବଡ଼ ଭବନର ନିର୍ମାଣ କରା ଯାଏ..ମାନି ନିୟନ୍ତୁ ଭବନ 102 ମାଳାର ଆଉ ପେରିସରେ ବନୁଛି..ତ ବାସ୍ତୁକାର ସର୍ବପ୍ରଥମେ କଣ କରେ? ବାସ୍ତୁବିଦ ପ୍ରଥମେ ବୈଚାରିକ କଳ୍ପନା କରେ କେ ମୋର ଭବନ ଏଇମିତିୟା ହୋଇବ | ପ୍ରଥମେ ତାକୁ ଆକାର କୋଉଠି ଦିଏ? ମନରେ! ତଦୁପରାନ୍ତ ସେ ବାହ୍ୟରୂପ ଧାରଣ କାରି ଥାଏ | ଠିକ ସେଇ ପ୍ରକାରରେ ଆମକୁ ଆକାର ଦେଇବାର ଅଛି, ଯେ ମୁଁ ମଞ୍ଜରୀ ଅଟେ | କଳ୍ପନା କରିବାର ନାହିଁ | ଯେଉଁ ସିଦ୍ଧଦେହ ଗୁରୁ ଦେଇ ଥାଆନ୍ତି ସେ କଳ୍ପିତ ନୁହିଁ! ସେ ଗୋଟିଏ ନିଷ୍କ୍ରିୟ ମୂର୍ତି ରୂପରେ ଗୋଲକଧାମରେ ବିରାଜମାନ ଅଛି, ତ ତାର ଉପରେ ଆମକୁ ଧ୍ୟାନ କରିବାର ଅଛି, ବୈଚାରିକ କଳ୍ପନା କରିବାର ଅଛି | ତ ସେଇ ପ୍ରଗାଢ଼ ହେଇକିନି ଗୋଟିଏ ଦିନ ଭୌତିକରୂପ  ଧାରଣ କରି ନେବ | ଯେବେ ଆମର ଉତ୍ସୁକତା ଏତେ ବଢି ଯିବ ଯେ ଆମେ କୃଷ୍ଣଙ୍କ ବିନା ଏକକ୍ଷଣ ବି  ରହି ପାରିବା ନାହିଁ, ତ ତୁରନ୍ତ ଆମର ଦେହଭଙ୍ଗ ହୋଇବ ଆଉ ଯୋଗମାୟା ଆମକୁ ସିଧା ଭୌମ ବୃନ୍ଦାବନକୁ ସ୍ଥାନାଂତରଣ କରିବ ଆଉ ଗୋପୀ-ଗର୍ଭରୁ ଆମର ଜନ୍ମ ହୋଇବ! ଆଉ ଯେଉଁ ଭକ୍ତ ସାଥିରେ ରହିବାକୁ ଚାହାନ୍ତି ତାଙ୍କର ଜନ୍ମ ଗୋଟିଏ ସାଙ୍ଗରେ ହୋଇବ..ଅନେକ ଭକ୍ତଙ୍କ ସାଙ୍ଗରେ ଏଇୟା ହୋଇଛି! ତ ଅନେକ ପ୍ରକାରର ଉପଲବ୍ଧି ଭଗବାନ ଦେଇ ଥାଆନ୍ତି ଯଦି ଆମେ ପାଇବାକୁ ଆତୁର!



**ଜୀବ ଜାଗ, ଜୀବ ଜାଗ, ଗୌରାଚାନ୍ଦ ବୋଲେ |**
**କୋଟି ନିଦ୍ରା ୟାଓ ମାୟା ପିଶାଚିର କୋଳେ ||**

ଭୁତ, ଭୁତ ଚଡିଛି ନା! ଏହା ହି କୁହା ଯାଇଛି | ଭୁତ ଲାଗିଛି କାହିଁକି ଆପଣ ଭୁତଶୁଦ୍ଧି କରି ନାହାନ୍ତି!

**କୋଟି ନିଦ୍ରା ୟାଓ ମାୟା ପିଶାଚିର କୋଳେ |**
**ଜୀବ ଜାଗ, ଜୀବ ଜାଗ, ଗୌରାଚାନ୍ଦ ବୋଲେ |**
**କୋଟି ନିଦ୍ରା ୟାଓ ମାୟା ପିଶାଚିର କୋଳେ ||**

ଆମେ ତତ୍କାଲ ପାଇ ନ ପାରନ୍ତି..ମୋର କହିବାର ଅର୍ଥ ଯେ ଆମକୁ ପ୍ରୟତ୍ନ ଭଲଭାବରେ କରିବା ଦରକାର, ଆମକୁ ଆମର ପ୍ରୟୋଜନରେ ନିଷ୍କପଟ ହୋଇବାକୁ ପଡିବ |

ଆଛା, ଚିନ୍ତନ କେଇମିତି କରିବାର ଅଛି? ହରିନାମ ସାଙ୍ଗରେ ଆମର କଣ ସମ୍ବନ୍ଧ? କୃଷ୍ଣ- କୃଷ୍ଣ କଣ ଅଟନ୍ତି? ମାଧୁର୍ଯ୍ୟରସସିନ୍ଧୁ | ଠିକ ଅଛି? ଆନନ୍ଦର ସିନ୍ଧୁ | ସିନ୍ଧୁ ବୁଝି ପାରୁଛନ୍ତି? ସମୁଦ୍ର! ଆନନ୍ଦର ସମୁଦ୍ର! ଆଉ ଯେଇମିତି ସେ ସମୁଦ୍ର ରାଧାରାଣୀଙ୍କୁ ଦେଖି ନିଏ ତ ଲହରୀ ଆସିବା ଆରମ୍ଭ ହୋଇ ଯାଏ | ବାଢ଼ ଆସି ଯାଏ ସେ ସମୁଦ୍ରରେ | ସେ ଆଉରି ମନମୋହକ, ଆଉରି ଆକର୍ଷକ ଲାଗନ୍ତି..କାମଦେବ! ସେ ତ ପୂର୍ବରୁ କାମଦେବ ଅଟନ୍ତି, କିନ୍ତୁ ରାଧାରାଣୀଙ୍କ ଦର୍ଶନମାତ୍ରରେ ସେ  ଅନନ୍ତକୋଟି ମନୋମୟ ହୋଇ ଯାଆନ୍ତି | ଆଉ ଯେବେ ରାଧାରାଣୀ ଶ୍ରୀକୃଷ୍ଣଙ୍କୁ ପ୍ରସନ୍ନଚିତ୍ତ ଦେଖନ୍ତି, ତ ରାଧାରାଣୀଙ୍କର ରୂପମାଧୁରୀ ଆଉରି ଉଚ୍ଛ୍ବାସିତ ହୋଇ ଯାଏ | ଯେବେ ସେ ଦେଖନ୍ତି ତ କୃଷ୍ଣଙ୍କର ମାଧୁର୍ଯ୍ୟସିନ୍ଧୁ ଆଉ ଅଧିକ ଲହରୀ ଉଠେଇବାକୁ ଲାଗେ | ଏହିପ୍ରକାରରେ କୃଷ୍ଣ ଆଉରି ମନମୋହକ ଲାଗନ୍ତି ଆଉ ରାଧାରାଣୀ ନିଜ ଆକର୍ଷଣର ବର୍ଦ୍ଧନ କରନ୍ତି ଆଉ ଏହିଚକ୍ର ଅସୀମ ଅନୁକ୍ରମରେ ଚାଲି ଥାଏ, ଏଇଠି ବି  କେବଳ ଅଳ୍ପବିରାମ ଆସିଛି! ପୁଣି ଆମର ଭୂମିକା ଆସେ ତାଙ୍କର ମଧ୍ୟରେ | ଆମର ଭୂମିକା କଣ? ଚାରିଦିଶାରୁ ଆମେ ଶୃଙ୍ଗାରରସରେ ରାଧାକୃଷ୍ଣଙ୍କ ସାଥିରେ ହାସ-ପରିହାସ କରି ଥାଆନ୍ତି | "କୃଷ୍ଣ, କୁଆଡେ ଥିଲ

ଏହିପର୍ଯ୍ୟନ୍ତ?" ଆଉ ବି ନ-ଭିନ୍ନ ପ୍ରକୃତି ଅନୁସାରରେ, ମହୋତ୍ସବ..It's always a party time in Golok...ଗୋଲୋକରେ ସର୍ବଦା ଉତ୍ସବ ହି ହୋଇ ଥାଏ..ଏଇୟା ନୁହେଁ ଯେ ଗୋପ-ଗୋପାଙ୍ଗନାମାନେ ଧ୍ୟାନ କରନ୍ତି..ନା! ସର୍ବଦା ସଖିମାନଙ୍କ ସାଙ୍ଗରେ ମହୋତ୍ସବ! ଆମର ଚିନ୍ତନ ସଦା ସଖିଗଣମଧ୍ୟରେ ସ୍ଥିତ ରାଧାକୃଷ୍ଣଙ୍କ ହୋଇବା ଦରକାର | "କୃଷ୍ଣାୟ ଗୋବିନ୍ଦାୟ ଗୋପୀଜନବଲ୍ଲଭାୟ ସ୍ୱାହା", ଏଇମିତିୟା କୃଷ୍ଣଙ୍କୁ ମୁଁ ନିଜକୁ ସ୍ୱାହା କରୁଛି, ଆଙ୍କର ସେବାରେ ନାଗୁଛି | ହଁ, ତ ଆପଣ କଣ କରୁଛନ୍ତି? ହାସ-ପରିହାସ | "ମୋତେ ବି  ଟିକେ ସେବାରେ ନଗାଆନ୍ତୁ, ଏତେ ଲୋକଙ୍କୁ ନଗେଇଛ..ଆଉର ମହୋତ୍ସବ? କଣ ମହୋତ୍ସବରେ ଗୋଟେଇକୁ ସେବାରେ ନଗେଇଦେଲେ ହୋଇବ? ଆଉ ଗୋଟିଏକୁ ରଖି ନିଅନ୍ତୁ ନା, ମୁଁ ନିଶ୍ଚୟ ହିଁ କିଛି ତେଜସ୍ୱୀକ ସେବା କରିବି | ନାଚିବି, ଗାଇବି, ବଜେଇବି..କିଛି ତ ସେବା ଦିଅନ୍ତୁ |" ତ ଆମର ସେବାରସର ତୋଫାନ ଦ୍ୱାରା ଯୁଗଳ ମାଧୁରୀର ସିନ୍ଧୁକୁ ଆଉରି ଉତ୍ତାଳିତ କରି ଦିୟନ୍ତି |

ଆମକୁ ଆମର ସେବା ନିଶ୍ଚୟପୂର୍ବକ ଜଣା ହୋଇବା ଦରକାର, ମୋର ସେବା କଣ ଅଟେ? ଏଇଟା ଅତି ମହତ୍ତ୍ୱପୂର୍ଣ୍ଣ ଅନ୍ୟଥା ଆମେ ଜପଭି କରି ପାରିବା ନାହିଁ | ଗାୟତ୍ରୀ କରି ପାରିବା ନାହିଁ | ଯୋଗପୀଠର ସେବା କରି ପାରିବା ନାହିଁ, ମାନେ ବାସ୍ତବରେ କିଛି ବି  କରି ପାରିବା ନାହିଁ | ଏଇଟା ଏତେ ମହତ୍ତ୍ୱପୂର୍ଣ୍ଣ!

**ସଖି ବିନା ଏହିଲୀଳା ପୁଷ୍ଟ ନାହିଁ ହୋୟ |**
**ସଖି ବିସ୍ତାରିୟା ସଖି ଆସ୍ୱାଦିୟା || (ଚୈତନ୍ୟ-ଚରିତାମୃତ-ମଧ୍ୟଲୀଳା ୮.୨୦୩)**

ରାଧାକୃଷ୍ଣଙ୍କର ଲୀଳା ସଖିଗଣଙ୍କ ବିନା ପୁଷ୍ଟି ହୁଏ ନାହିଁ ଆଉ ସଖୀମାନେ ହିଁ ଲୀଳାଙ୍କର ବିସ୍ତାର କରନ୍ତି | ମାନି ନିୟନ୍ତୁ ଯେ ରାଧାକୃଷ୍ଣ ଲେ ମେରିଡ଼ିଏନ ହୋଟେଲରେ ବସିଛନ୍ତି, କିନ୍ତୁ ଏକେଲା, ତ କଣ କରିବେ ସେ ବେସିକିନି? କିଛି ବି  ତ କରି ପାରିବେ ନାହିଁ, କାହିଁକି କେହି ବି ସେଇଠି ଉପସ୍ଥିତ ନୁହେଁ | ଯଦି ଆପଣ ବି  ସେଇ ଅବସ୍ଥାରେ ଥିବେ ତ କଣ କରିଥାଆନ୍ତେ? ଆଉ ଯଦି ଆପଣଙ୍କର ମିତ୍ର ଆସି ଯାଆନ୍ତି ତ? ଈର୍ଷାଳୁ ମିତ୍ର ନୁହେଁ, ବିଶୁଦ୍ଧ ମିତ୍ରମାନେ ଯେ ଆପଣଙ୍କୁ ହୃଦୟରୁ ଭଲ ପାଆନ୍ତି, ଯେ ଆପଣଙ୍କ ପାଇଁ ପ୍ରାଣ ଦେଇ ପାରିବେ!

ବାସ୍ତବରେ ମଞ୍ଜରୀମାନେ ରାଧାରାଣୀଙ୍କର ଅବିନ୍ନ ଦେହ, ଅଭିନ୍ନ ପ୍ରାଣ କେଇମିତି ହୁଅନ୍ତି? ମଞ୍ଜରୀମାନେ ସ୍ୱପ୍ନରେ ବି  ରାଧାପଦ୍ମପାଦଙ୍କୁ ଛାଡିକିନି ଆଉ କିଛି  କାମନା ରଖନ୍ତି ନାହିଁ | ଏହି ଭାବନିଷ୍ଠା ପାଇଁ ରାଧାରାଣୀ ମଞ୍ଜରୀମାନଙ୍କୁ ନିଜଠାରୁ ଅଭିନ୍ନ ମାନନ୍ତି, ଆଉ ଏହି କାରଣରୁ ସେ ଅଭିନ୍ନ ଦେହ ଆଉ ଅଭିନ୍ନ ପ୍ରାଣ ହୁଅନ୍ତି | ରାଧାରାଣୀ ଭାବନ୍ତି ଯେ ଏହିସବୁ ମୋ ଠାରୁ ଅଭିନ୍ନ, କାହିଁକି? ତାଙ୍କର ଭାବନିଷ୍ଠା ପାଇଁ - ଯେ ସେ ରାଧିକାଚରଣର ଏକାନ୍ତିକ ଭକ୍ତ ହୁଅନ୍ତି ଆଉ ସ୍ୱପ୍ନରେ ବି  କୃଷ୍ଣଙ୍କ ସାଙ୍ଗରେ ବିଳାସ ଚାହାଁନ୍ତି ନାହିଁ! ଏହିକାରଣରୁ ଶ୍ରୀକୃଷ୍ଣ ଲଳିତା-ବିଶାଖାଙ୍କଠାରୁ ମଞ୍ଜରୀମାନଙ୍କୁ ଅଧିକ ପ୍ରେମ କରନ୍ତି - ଭାବନିଷ୍ଠା ପାଇଁ | ସବୁ କିଛି ଭାବରେ ନିହିତ ଅଟେ | ଏଇଥିପାଇଁ 'ଗୋପୀଭାବ କରି ଅଙ୍ଗୀକାର', ପ୍ରାରମ୍ଭରୁ!

ସିଦ୍ଧଦେହରେ ଯେତେ ନିଜର ଅହଂ ରଖିବା ସେତେ ଶୀଘ୍ର ଆମକୁ ସିଦ୍ଧି ପ୍ରାପ୍ତ ହୋଇବ | ସବୁ କିଛି ଅହଂର ପୁଷ୍ଟି ଉପରେ ନିର୍ଧାରିତ - ମିଥ୍ୟା ଅହଂକାରରୁ ବାସ୍ତବିକ ଅହଂକାରକୁ ଆସିବାର ଅଛି | ଏହିତ ସବୁ କାହାଣୀ | ଯେତେ ଥର ବି  ଆମେ କଥା ଶ୍ରବଣ କରିବା ଆମେକୁ ଅନ୍ତତୋଗତ୍ୱା ଏହି ନିଷ୍କର୍ଷକୁ ଆସିବାକୁ ପଡିବ | ଆମକୁ ଆମର ମିଥ୍ୟା ଅହଂକାରରୁ ମୁକ୍ତ ହୋଇବାର ଅଛି, ବାସ! ଭକ୍ତି ଏତେ ସରଳ ଅଟେ! କିନ୍ତୁ ଯଦି ରଖିକିନି ଅସରଳ କରିବାର ଅଛି ଯେ " ଜଣା ନାହିଁ କେବେ ସମ୍ଭବ ହୋଇବ" ତ କଣ ହୋଇବ? କିଛି ବି  ଅସମ୍ଭବ ବା ଅପ୍ରାୟୋଗିକ ହୁଏ ନାହିଁ |

ଯଦି କେହି ମୋତେ ଆସିକିନି କହେ ଯେ ଭକ୍ତି ଅସହଜ ଅଟେ ଆଉ ସେ ବ୍ୟକ୍ତି ସାଂସାରିକ ଅଟେ, ତ ମୁଁ କେବେ ବି  ମାନି ପାରିବି ନାହିଁ | ଆରେ! ଆପଣ ସଂସାରରେ ରୁହନ୍ତି, ନିଜ ସ୍ତ୍ରୀ ସାଙ୍ଗରେ ରୁହନ୍ତି, ନିଜ ଛୁଆ-ପିଲାଙ୍କ ସାଙ୍ଗରେ ରୁହନ୍ତି, ନିଜ ବାପ-ମା ସାଙ୍ଗରେ ରୁହନ୍ତି ଆଉ ଆପଣ ଭକ୍ତି କରି ପାରୁ ନାହାନ୍ତି? ଏଇଟା କେଇମିତି ସମ୍ଭବ? ଏତେ ଦୁଷ୍କର କାର୍ଯ୍ୟ ସବୁ କରି ପାରୁଛନ୍ତି ଆଉ ଭକ୍ତି କରି ପାରୁନାହାନ୍ତି? ଏଠାରୁ ସରଳ କାର୍ଯ୍ୟ ଆଉ କିଛି ହୋଇ ପାରିବ ନାହିଁ, ଆଉ ଏଠାରୁ ଦୁଷ୍କର ବି  କିଛି ହୋଇ ପାରିବ ନାହିଁ | ଏକ ତ ନିଜ ମନ ଭୁତ ନିୟନ୍ତ୍ରିତ ହୋଉଛି ନାହିଁ ଆଉ ସାଙ୍ଗରେ ଏକ ସାଥ୍ ଆଉରି ରଖିଛନ୍ତି ତ ଦ୍ୱିଟା ଭୁତ | ତା ଉପରେ ଦ୍ୱିଟା ଛୋଟ-ଛୋଟ ଭୁତ | ଚାରିଟା ଭୁତ ଏକତ୍ର ରୁହନ୍ତି! ଆଉ ପ୍ରତିଦିନ ଯଦି ଆପଣ ଦିନ ନଠାରୁ ରାତି ନଟା କାର୍ଯ୍ୟ କରୁଛନ୍ତି ତାଙ୍କୁ ସାଥିରେ ରଖିକିନି ତ ଆପଣ କେଉଁ ତପସ୍ୱୀ ଠାରୁ କାମ କି? ସବୁ ତପସ୍ୟା କରୁଛନ୍ତି,  ତ ସିଦ୍ଧଦେହର ଭାବନା କରିବା କେଉଁ ବଡ଼ ତପସ୍ୟା? ଏହାଠାରୁ ସହଜ କାର୍ଯ୍ୟ ଆଉ ତ କିଛି ବି  ନୁହେ |

ଯୋଉ ସଂସାରୀ ବ୍ୟକ୍ତି କହେ ଯେ, "ମୁଁ ଭକ୍ତି କରି ପାରିବି ନାହିଁ"...ତ ଆପଣଙ୍କ ଉପରେ ଭୁତ ଚଢ଼ିଛି, ଆପଣଙ୍କର ଭୁତଶୁଦ୍ଧି ହୋଇଛି ନାହିଁ | କେବେ ବି  କାହାକୁ କହନ୍ତୁ ନାହିଁ ଯେ ଭକ୍ତି ଦୁଷ୍କର ଅଟେ, କାହିଁକି ନା ଆପଣ ଯାହା କରୁଛନ୍ତି ସେଇଟା ଏହାଠାରୁ ଅତି ଦୁଷ୍କର ଅଟେ | ଭକ୍ତିର ଓଜନ କେବଳ 200 କିଲୋ | ଆପଣ ତ ଅନ୍ୟଥା 1700 କିଲୋ ଉଠେଇ ଥାଆନ୍ତି, ଆଉ ଜ୍ୱରରେ 103 କିଲୋ ଆଉରି, ଆଉ ଭକ୍ତି ତ ମାତ୍ର 200 କିଲୋ, କେତେ ନଗଣ୍ୟ! ଭାବିଲା ମାତ୍ରରେ ଉଠି ଯାଏ | ସବୁ କିଛି ଏହିମନରେ...ଦୁଷ୍କର ଏଇଠି , ସହଜ ଏଇଠି, ସବୁ କିଛି ଏଇଠି! ଯେବେ ଉତ୍ସାହିତ ଭକ୍ତଙ୍କର ସାଧୁସଙ୍ଗ ପ୍ରାପ୍ତ ହୋଇବ ତ ଆପଣ ସ୍ୱୟଂ ଉତ୍ସାହିତ ହୋଇ ଜୀବେ | ଯେଇମିତିଆ ଆପଣଙ୍କର ମନ ଆଉର ଚେହରା ରହିବ, ସେଇମିତିଆ ଭକ୍ତ ଆପଣଙ୍କୁ ପ୍ରାପ୍ତ ହୋଇବେ | କେଇମିତି? Birds of the same feather flock together...ସମାନ ପରର ପଂଛି ସାଥିରେ ଉଡନ୍ତି | ଆଉ ମୂର୍ଖ ମାନେ ସବୁ ସାଙ୍ଗରେ ଉଡନ୍ତି ଆଉ ଯଦି ଆପଣ ଉତ୍ସାହିତ ରହିବେ ତ ଆପଣଙ୍କୁ ନିଶ୍ଚିତ ଭାବରେ ଉତ୍ସାହିତ ଭକ୍ତଙ୍କର ସାହଚର୍ଯ୍ୟ ମିଳିବ | ସେ ମାନେ ଆପଣଙ୍କୁ ସେଇଠି ନେଇ ଯିବେ ଯୋଉଠି ସେ ନିଜେ ଯୋଉଛନ୍ତି | ଏହି ଜୀବନରେ! ଏହି ଜୀବନରେ! ଆଗାମୀ ଜନ୍ମ ଉପରେ ଲୌକିକ ବିଚାର କରିବାର ନାହିଁ - "ଯେ ଆଗାମୀ ଜନ୍ମରେ କଣ ହୋଇବ?" କଣ ଆପଣ ପାଗଳ ଅଟନ୍ତି? ଭୁତ ଏବେ ବି  ଚଢିଛି! ଆଗାମୀ ଜନ୍ମ ପାଇଁ ଚିନ୍ତନ କାହିଁକି? ଏବେ କଣ କମ ମୁଣ୍ଡବିନ୍ଧା? ଏତେ ଘୋର ତପସ୍ୟା ଆଉ ଆଗାମୀ ଜନ୍ମ ବି  ଏଇମିତିଆ ସୁଖଦାୟୀ...ଆପଣଙ୍କର ବୁଦ୍ଧିମତାର ଜୈ ହେଉ! ଆମର ଜପ କେଇମିତି ଠିକ ହୋଇବ ଯେବେ ଏତେ କଷ୍ଟ ଲଦିକିନି ବି  ଆମେ ହୃଦୟରୁ ଭଗବାନଙ୍କୁ ଡାକି ପାରୁ ନାହାନ୍ତି | କୃଷ୍ଣ ପାଇଁ କାନ୍ଦି ପାରୁ ନାହାନ୍ତି..."ଦେଖନ୍ତୁ କୃଷ୍ଣ! ମୁଁ କେତେ କଷ୍ଟ ପାଉଛି"...

ଏବେ ପୁଣି- ମୁଁ ଦୁଃଖୀ, ମୁଁ ପ୍ରତିଦିନ ଦୋକାନକୁ ଯାଏ..., ଏଠାରୁ ବଡ଼ ଦୁଃଖ ଆଉ କଣ ହୋଇ ପାରିବ କୁହନ୍ତୁ! ଛ ଘଣ୍ଟା ଶୋଇଲେ, ଭୋଜନ କରିଲେ, ପୁଣି ସେଇଠି ଉପସ୍ଥିତ ହୋଇ ଗଲେ | ରାତିରେ ଆସି ଥିବା ଚାଓଲ-ରୁଟି ଖାଇଲେ, ସୋଇ ଗଲେ, ପୁଣି ସେଇଠି! ଆରେ ଭ୍ରାତା! ଏହା ଠାରୁ ବଡ଼ ତପସ୍ୟା କୁହନ୍ତୁ! 'ଭୁତଶୁଦ୍ଧି ବିଶୋଧନଂ', ଏହାର ଶୁଦ୍ଧିକରଣ ବହୁତ ଆବଶ୍ୟକ ଅଟେ |

ରାଧାକୃଷ୍ଣଙ୍କର ନିକୁଞ୍ଜ ଦର୍ଶନ ଆଗରେ ସବୁ ଭଗବଦ ସୁଖ- ସବୁ ବୈକୁଣ୍ଠ, ଗୋଲୋକ, ଯେତେ ବି  ଭଗବଦ ସୁଖ ଅଟନ୍ତି ସେ ଫିଖା ଜଣା ହୁଅନ୍ତି | ଯଦି ସବୁ ପ୍ରକାରର ଭଗବଦସୁଖ ଗୋଟେଇ ଆଡୁକୁ ନିୟନ୍ତି ଆଉ ରାଧାକୃଷ୍ଣଙ୍କର ନିକୁଞ୍ଜଦର୍ଶନ ଗୋଟେଇ ଆଡୁକୁ ନିୟନ୍ତି, ତ ସବୁ ଭଗବଦସୁଖ  ତାଙ୍କ ଆଗେ ଲେଶମାତ୍ର ବି  ସୁଖଦାୟୀ ଲାଗନ୍ତି ନାହିଁ! ଉଦ୍ଧବ ମୂର୍ଖ ନୁହନ୍ତି ଯେବେ ସେ କୁହନ୍ତି, " ମୋତେ ବ୍ରଜରେ ଘାସର ତିନକା ବନେଇ ଦିଅନ୍ତୁ, କିଛି ବି  ବନେଇ ଦିଅନ୍ତୁ |" ଉଦ୍ଧବ ଦେଖିବାରେ ଭଗବାନଙ୍କ ସମାନ ଲାଗନ୍ତି, ଏତେ ପ୍ରଗାଢ଼ ସମ୍ବନ୍ଧ ତାଙ୍କ ମଧରେ ଅଟେ, କିନ୍ତୁ ତେବେ ବି ..ତାଙ୍କୁ ଜଣା ପଡିଛି ରାଧାରାଣୀଙ୍କର ପ୍ରେମ କେଉଁ ସ୍ତରର ଅଟେ, ବିଭୁ ଆସ୍ୱାଦନ ଅଟେ! ଆମର ନାଁ ଅନୁ ହୋଇ ପାରେ କିନ୍ତୁ ଆମର ଲକ୍ଷ୍ୟ ବିଭୁ ହୋଇବା ଦରକାର | ଆମର ଲକ୍ଷ୍ୟ ବିଭୁ-ଆସ୍ୱାଦନ ଅଟେ!

ଶ୍ରୀକୃଷ୍ଣ କେତେ, କେତେ କୃପାମୟୀ ଅଟନ୍ତି -

**କୃଷ୍ଣ ଗୁରୁରୂପେ ଦୀକ୍ଷା ଦେନ ଘରେ-ଘରେ, ବୈଷ୍ଣବରୂପେ ଦେୟ ଶିକ୍ଷା |**
**ଶାସ୍ତ୍ରରୂପେ କହେ ଜ୍ଞାନ, ଆତ୍ମରୂପେ ଅଧିଷ୍ଠାନ, ଦେଖ ତୌର କାରେ ବା ଉପେକ୍ଷା ||**

କୃଷ୍ଣ ହି ଗୁରୁରୂପରେ ଘରେ-ଘରେ ଦୀକ୍ଷା ଦିଅନ୍ତି ଆଉ ବୈଷ୍ଣବରୂପରେ ଘରେ-ଘରେ ଶିକ୍ଷା ଦିଅନ୍ତି | ଭଗବାନଙ୍କର କୃପା ଦହ୍ଵି ଧାରାରୁ ଆସିଥାଏ | କେଉଁ ଦ୍ଵି ଧାରା? ଶ୍ରୀଗୁରୁ ଆଉ ଶ୍ରୀବୈଷ୍ଣବ - ଏ ଦ୍ଵିଟା ହି ଅତି ମହତ୍ତ୍ଵପୁର୍ଣ ଅଟନ୍ତି | ଗୁରୁଦେବ ମନ୍ତ୍ର ଦେଉଛନ୍ତି ଆଉ ବୈଷ୍ଣବଗଣ ଶିକ୍ଷା ଦେଉଛନ୍ତି, ଆଉ ଏହିରୂପରେ ଆମକୁ  କୃପା ପ୍ରାପ୍ତ ହୋଉଛି | କୃଷ୍ଣ କୃପଣ ନୁହନ୍ତି ; ଏଇଟା ଆମ ଉପରେ ଯେ ବର୍ଷାରୁ ଆମେ କେତେ ନେଇବାକୁ ଚାହଁନ୍ତି |

ବୈରାଗ୍ୟ ଅତି ରସମୟ ଜୀବନ ଅଟେ, ବୈରାଗ୍ୟ କେବେ ବି  ଶୁଷ୍କ ହୁଏ ନାହିଁ | ଯଦି ବାସ୍ତବିକ ବୈରାଗ୍ୟ ହୋଇଯାଏ ତ ସେ ରସମୟ ହୁଏ | ତ୍ୟାଗ ସୁଖା ହୋଇ ପାରେ କିନ୍ତୁ ବୈରାଗ୍ୟ ତ ସାଦେଇବ, ଆହା! ମାନେ ଆପଣ କିଛି ପଛେ ଛାଡୁଛନ୍ତି ଆଉ କିଛି ଶ୍ରେଷ୍ଠତର ପାଉଛନ୍ତି, ଅନ୍ୟଥା ବୈରାଗ୍ୟ ହୋଇ ପାରିବ ନାହିଁ | ତେବେ ହି ତ ରସମୟ ହୋଇ ପାରିବ, ଅନ୍ୟଥା ମାୟାବାଦୀଙ୍କର କେତେ ପତନ ହୋଇ ଯାଇଥାଏ | କାହିଁକିନା କିଛି ପ୍ରାପ୍ତ ହୋଇଲା ନାହିଁ | କିଛି ଦିନି ଛାଡି ଦେଲେ ଆଉ ପୁଣି କାମନାର ଜନ୍ମ ହୋଇ ଗଲା - ହାୟ, ହାୟ! ଚୌରାସିଲଖ୍ୟଯୋନିକୁ ପୁନରାଗମନ | ଏଇଠି ସେଇମିତିଆ ହୁଏ ନାହିଁ - ବୈରାଗ୍ୟ ସାଙ୍ଗେ-ସାଙ୍ଗେ ଜୀବନ ରସମୟ ହୋଇ ଯାଏ!

କୃଷ୍ଣଙ୍କର ସୁନ୍ଦରତା ଏହି ତ - ସେ ଶିକ୍ଷା ଗୁରୁ ଆଉ ସେ ହି ଦୀକ୍ଷା ଗୁରୁ |

**' କୃଷ୍ଣ ଗୁରୁରୂପେ ଦୀକ୍ଷା ଦେନ ଘରେ-ଘରେ'** ,ଦୀକ୍ଷାଗୁରୁରୂପରେ, ଆଉ ପୁଣି ସେ ଶିକ୍ଷା ବି  ଦିଅନ୍ତି | କେଇମିତି? ସର୍ବପ୍ରଥମେ କୃଷ୍ଣ ଆମର ହୃଦୟରେ କଣ କରନ୍ତି? ଆମେ ତ ଶୁଷ୍କ ଅଟନ୍ତି, ଆମଠାରୁ ଶୁଷ୍କ ଆଉ କିଛି ହୋଇ ପାରିବ ନାହିଁ | ଶୁଷ୍କଶବ୍ଦ ବି  ଆମ ହୃଦୟଠାରୁ ରସମୟ ଅଟନ୍ତି |  ଶ୍ରୀକୃଷ୍ଣ ସର୍ବପ୍ରଥମେ ଆମ ହୃଦୟରେ ସେବାବାସନା ଡାଲାନ୍ତି | କେଇମିତି? ଗୁରୁଦେବ ଆଉ ବୈଷ୍ଣବଙ୍କ କୃପା ଦ୍ଵାରା ଯେ "ସେବାର ବାସନା ରଖନ୍ତୁ ନ ଟିକିଏ, ଟିକିଏ ସେବା କରନ୍ତୁ ନା.." ସେବାବାସନା! ପୁଣି ଯେବେ ଆମର ଉତ୍କଣ୍ଠା ଅତ୍ୟଧିକ ବଢି ଯାଏ ତ ଆମକୁ ସେବା ପ୍ରଦାନ କରୀକିନି କୃତାର୍ଥ କରିଦିୟନ୍ତି | କଣ ଆପଣ ଶ୍ରୀକୃଷ୍ଣଙ୍କର ସୌଷ୍ଠବ ଦେଖି ପାରୁଛନ୍ତି? ପ୍ରଥମେ ସେବାବାସନା ପ୍ରକଟ କରାନ୍ତି..ଆମ ହୃଦୟରେ ତ ସ୍ଵତଃ ଆସିବ ନାହିଁ | ସ୍ଵତଃ କିଛି ବି  ଆସି ପାରେ ନାହିଁ | ସ୍ଵତଃ କୋୈଡି ବି  ଆସିଛି କେବେ କାହା ଘରରୁ? ତ ସିଦ୍ଧସ୍ଵରୂପ, ନିଜର ସିଦ୍ଧସ୍ଵରୂପ ଆଉ ସବୁ କିଛି ଉଇକିନି ଆସି ଯିବ? କିଛି ବି  ଆସି ପାରିବ ନାହିଁ | ତ ପ୍ରଥମେ କୃଷ୍ଣ ସେବାବାସନା ଜଗାଆନ୍ତି ଆଉ ପୁଣି ସେବା ଦେଇକିନି କୃତାର୍ଥ କରିଦିୟନ୍ତି ଜୀବକୁ ସଦା-ସଦା ପାଇଁ | ଏଇଥି ଲାଗି କୁହା ଯାଇଛି -

**ରସଂ ହି ଏବ ଅୟଂ ଲବ୍ଧ୍ଵା ଆନନ୍ଦି ଭବନ୍ତି |  (ତୈତିରୀୟ ଉପନିଷଦ ୨.୭.୧)**

ନିଜକୁ ଜୀବକୁ ପ୍ରଦାନ କରିକିନି, ଆନନ୍ଦି ଭବତି, ସଦା-ସଦା ପାଇଁ କୃତାର୍ଥ କରି ଦିୟନ୍ତି |

ଆଜି ପାଇଁ ଏତେ ହି |

**ହରେ କୃଷ୍ଣ!**

